

Odia Daily

www.theutkalsamachar.com

ଉତ୍କଳ ସମାଗମ

ସର୍ବୋତ୍ତମିକ ଚେତନାର ପ୍ରତ୍ୟୟତ

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



+Vol - 22+ Issue No:210+ 28 November 2026 (Saturday)+ Rourkela +Rs.2.00 +Page -1 +୨୨ ବର୍ଷ +ସଂଖ୍ୟା:୨୧୦+୨୮ ନଭେମ୍ବର ୨୦୨୬ (ଶନିବାର)+ ରାଉରକେଲା +ମୂଲ୍ୟ:ଟ.୨.୦୦+ ପୃଷ୍ଠା-୬

ସୀମା ପୁନଃନିର୍ଦ୍ଧାରଣ ଓ ମହିଳା ସଂରକ୍ଷଣ ବିଲ୍‌କୁ କେନ୍ଦ୍ର କ୍ୟାବିନେଟର ମଞ୍ଜୁରୀ



ନୂ ଆ ଦି ଲ୍ଲୀ,୨୭/୧୧: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ସୀମା ପୁନଃନିର୍ଦ୍ଧାରଣ ଓ ମହିଳା ସଂରକ୍ଷଣ ସମ୍ପର୍କିତ ବିଲଗୁଡ଼ିକୁ ମଞ୍ଜୁରୀ ଦିଆଯାଇଛି । ନୂଆଦିଲ୍ଲୀର ସେବା ତୀର୍ଥରେ ବସିଥିବା ଏହି ବୈଠକରେ ଲୋକସଭାଓ ରାଜ୍ୟ ବିଧାନସଭା ଗୁଡ଼ିକରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ଲାଗୁ କରିବା ଏବଂ ସୀମା ପୁନଃନିର୍ଦ୍ଧାରଣ ସହ ଜଡ଼ିତ ବିଲକୁ ଅନୁମୋଦନ ମିଳିଛି । ଜରୁରୀ ସରକାରୀ କାର୍ଯ୍ୟ ସମାଧାନ ପାଇଁ ସଂସଦକୁ ପୁଣି ଡାକିବା ନେଇ ସରକାର ଘୋଷଣା କରିବାର ଦିନକ ପରେ ଏହି ବୈଠକ ହୋଇଛି, ଯେଉଁଥିରେ ଯୋଗ ଦେବାକୁ ମନ୍ତ୍ରୀମାନଙ୍କୁ ରାଜଧାନୀରେ ଉପସ୍ଥିତ ରହିବାକୁ କୁହାଯାଇଥିଲା । ତେବେ ହାଇଦ୍ରାବାଦରେ ଚାଲିଥିବା ତିନିଦିନିଆ 'ନିଶାମୁକ୍ତ ଭାରତ' ଅଭିଯାନରେ ସାମିଲ ହେବା ପାଇଁ କେନ୍ଦ୍ର ମନ୍ତ୍ରୀ ଜି. କିଶନ ରେଡ୍ଡୀ ଆଜିର ବୈଠକକୁ ଅନୁପସ୍ଥିତ ରହିବାକୁ ଅନୁମତି ଲୋଡ଼ିଥିଲେ । ଆବଶ୍ୟକ ସଂଖ୍ୟାଗରିଷ୍ଠତା ହାସଲ କରିବାରେ ବିଫଳ ହେବା ପରେ ୨୦୨୬ ଏପ୍ରିଲ ୧୭ ତାରିଖରେ ସୀମା ପୁନଃନିର୍ଦ୍ଧାରଣ ଓ ମହିଳା ସଂରକ୍ଷଣ ସହ ଯୋଡ଼ି ହୋଇଥିବା ସମ୍ବିଧାନ ସଂଶୋଧନ ବିଲ୍ ଲୋକସଭାରେ ପରାଜିତ ହୋଇଥିଲା । ଏହି ପରାଜୟ ପରେ ସରକାର ଏକ ସଂଶୋଧିତ ରଣନୀତି ସହ ପୁଣି ଏହି ବିଲ୍ ଆଣିବାକୁ ପ୍ରସ୍ତୁତି ଚଳାଇଥିବା ବେଳେ ଆଜିର କ୍ୟାବିନେଟ୍ ନିଷ୍ପତ୍ତି ସଂସଦର ଆଗାମୀ ବୈଠକ ପାଇଁ ଗୁରୁତ୍ୱପୂର୍ଣ୍ଣ ସଙ୍କେତ ଦେଇଛି । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁଙ୍କ ସୂଚନା ଅନୁଯାୟୀ, ନଭେମ୍ବର ୩ଠାରେ ଲୋକସଭାକୁ ପୁଣି ଡାକିବା ପାଇଁ ବାଚସ୍ପତି ଓମ୍ ବିର୍ଲା ଏବଂ ଡିସେମ୍ବର ୨ରେ ରାଜ୍ୟସଭାକୁ ଡାକିବା ପାଇଁ ଅଧ୍ୟକ୍ଷ ସି.ପି. ରାଧାକୃଷ୍ଣନ୍‌ଙ୍କୁ ସରକାର ଅନୁରୋଧ କରିଛନ୍ତି । ଗୁରୁତ୍ୱ କାର୍ଯ୍ୟସୂଚୀ ଅନୁଯାୟୀ ଏହି ବୈଠକ ଡିସେମ୍ବର ୩ରେ ଶେଷ ହୋଇପାରେ । ସଂସଦର ମୌସୁମୀ ଅଧିବେଶନ ଅଗଷ୍ଟ ୧୩ ତାରିଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ହୋଇଥିଲେ ମଧ୍ୟ ଆନୁଷାଙ୍ଗିକ ଭାବେ ଘୋଷଣା କରାଯାଇ ନ ଥିଲା । ଏହି ସ୍ୱତନ୍ତ୍ର ବୈଠକ ସମୟରେ ପ୍ରଶ୍ନକାଳ, ଶୂନ୍ୟକାଳ କିମ୍ବା ବେସରକାରୀ ସଦସ୍ୟଙ୍କ କାର୍ଯ୍ୟସୂଚୀ ରହିବ ନାହିଁ ବୋଲି ଲୋକସଭା ଓ ରାଜ୍ୟସଭା ସଚିବାଳୟ ସ୍ପଷ୍ଟ କରିଛନ୍ତି । ସୀମା ପୁନଃନିର୍ଦ୍ଧାରଣ ଓ ମହିଳା ସଂରକ୍ଷଣ ପ୍ରସଙ୍ଗକୁ ନେଇ ଆଗାମୀ ବିନରେ ସରକାର ଓ ବିରୋଧୀଙ୍କ ମଧ୍ୟରେ ତୀବ୍ର ରାଜନୈତିକ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି ।

ୟୁକ୍ରେନ ଉପରେ ବଡ ଆକ୍ରମଣ କରିବ ରୁଷ ! ଜେଲେନ୍ସ୍କିଙ୍କ ଦାବି



ନୂଆଦିଲ୍ଲୀ,୨୭/୧୧: ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସ୍କି ଦାବି କରିଛନ୍ତି ଯେ ରୁଷ ୟୁକ୍ରେନ ଉପରେ ଆଉ ଏକ ବଡ଼ ଆକ୍ରମଣର ପ୍ରସ୍ତୁତ କରୁଛି । ଏହି ଆକ୍ରମଣ ଶନ୍ତି ଭିତ୍ତିଭୂମି, ପରିବହନ ନେଟୱାର୍କ ଏବଂ ଅତ୍ୟାବଶ୍ୟକ ସେବାକୁ ଟାର୍ଗେଟ କରିବ ବୋଲି ଆଶା କରାଯାଉଛି । ତାଙ୍କର ଚେତାବନୀ ଏପରି ଏକ ସମୟରେ ଆସିଛି ଯେତେବେଳେ ଆମେରିକା ସମେତ ଅନେକ ପକ୍ଷ ପ୍ରାୟ ଚାରି ବର୍ଷ ଧରି ଚାଲିଥିବା ସଂଘର୍ଷର ଅନ୍ତ ପାଇଁ କୂଟନୈତିକ ପ୍ରୟାସକୁ ନବୀକରଣ କରୁଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସ୍ୱତନ୍ତ୍ର ପ୍ରତିନିଧି ଜାରେଡ କୁଶନର ଦାବି କରିଛନ୍ତି ଯେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ୟୁକ୍ରେନ ପରମାଣୁ ଅସ୍ତ୍ର ବ୍ୟବହାର ନକରିବାକୁ ରାଜି ହୋଇ ଏଥିପାଇଁ ଦେଖାଇଛନ୍ତି । ଆଲ୍ବେଲ ସ୍ପିଙ୍କର ବ୍ରିଏଟର୍ସ ପୋଡକାଷ୍ଟ, "ଏମଡି ମିଟ୍" ରେ ଭାଷଣ ଦେଇ କୁଶନର କହିଛନ୍ତି ଯେ ପୁତିନଙ୍କ ସହ ତାଙ୍କର ବାର୍ତ୍ତା ଆଲୋଚନା ତାଙ୍କୁ ଏହି ଧାରଣା ଦେଇଥିଲା ଯେ ରୁଷ ନେତା ଶାନ୍ତି ଚାହାଁନ୍ତି ।ସେ ଆହୁରି କହିଛନ୍ତି ଯେ ପୁତିନ ଆମେରିକୀୟ ପ୍ରତିନିଧିମାନଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ ତାଙ୍କର ପରମାଣୁ ଅସ୍ତ୍ର ବ୍ୟବହାର ଜରିବାର କୌଣସି ଉଦ୍ଦେଶ୍ୟ ନାହିଁ । କୁଶନର ସ୍ୱୀକାର କରିଛନ୍ତି ଯେ ମୁଖ୍ୟତଃ ୟୁକ୍ରେନୀୟ ଅଞ୍ଚଳ ଉପରେ ମତଭେଦ ଯୋଗୁଁ ଆଲୋଚନା ସ୍ଥଗିତ ରହିଛି । କୁଶନର, ଅନ୍ୟ ଜଣେ ଆମେରିକୀୟ ରାଷ୍ଟ୍ରଦୂତ ଷ୍ଟିଭ୍ ୱିଟକଫଙ୍କ ସହିତ, ଏହି କୂଟନୈତିକ ପ୍ରୟାସରେ ସାମିଲ ଅଛନ୍ତି ।

ଫାଇଭ୍-ଟି ଅର୍ଥରେ ହେରଫେର, ହିସାବ ମାଗିଲେ ବିଧାୟକ

ଭୁବନେଶ୍ୱର,୨୭/୧୧(ନି/ପ୍ର): ବିଧାନସଭା ଶୀତକାଳୀନ ଅଧିବେଶନର ସପ୍ତମ ଦିନ। ଆଜି ଗୃହ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟ ସ୍ୱାଭାବିକ ଭାବେ ଚାଲିଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରଶ୍ନୋତ୍ତର ଜାରି ରହିଛି । ବିଧାୟକଙ୍କ ପ୍ରଶ୍ନର ଉତ୍ତର ରଖୁଛନ୍ତି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ଫାଇଭ୍-ଟି ସ୍କୁଲ୍‌କୁ ନେଇ ବିଧାନସଭା ଭିତରେ ଝଡ଼ ସୃଷ୍ଟି ହୋଇଛି । ମନ୍ତ୍ରୀଙ୍କ ଉତ୍ତର ବେଳେ ବିଜେଡି ସଦସ୍ୟମାନେ ପ୍ରତିବାଦ କରିଛନ୍ତି । ପ୍ରମିଳା ମଲ୍ଲିକଙ୍କ ପ୍ରଶ୍ନରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉତ୍ତର ରଖିଛନ୍ତି। ସେ କହିଛନ୍ତି ଗତ ସରକାର ଜିଲ୍ଲି ଫାଇଭ୍-ଟି ଜରିଆରେ ଅପ୍‌ଗ୍ରେଡ୍ କରିଥିଲେ। ଫାଇଭ୍-ଟି ସ୍କୁଲ ପାଇଁ ୩୮୭ ଟେଣ୍ଡର ଡାକି ୯୦ ଲକ୍ଷ ଟଙ୍କା ବ୍ୟବସ୍ଥା ହୋଇଥିଲା । ହେଲେ ଅର୍ଥ ଦିଆଯାଇନଥିଲା । ବିଜେପି ଆସିବା ପରେ ଅର୍ଥ ଫେରି ଚୁକିଲିଜିନ୍ସ ପ୍ରଥା ଉଚ୍ଛେଦ କରାଯିବ। ୨୮ ହଜାର ୬୯୩ ଶିକ୍ଷକଙ୍କୁ ନିଯୁକ୍ତି, ପ୍ରାଥମିକ ଶିକ୍ଷକଙ୍କୁ ପଦୋନ୍ନତି, ପ୍ରତି ବର୍ଷ ୧୫ ହଜାର ଶିକ୍ଷକ ନିଯୁକ୍ତି ଦିଆଯାଇଛି।



ଏ ବର୍ଷରେ ୧୫ ହଜାର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି, ନୂଆ ସରକାର ଶିକ୍ଷାର ବିକାଶ ପାଇଁ ନୂଆ ପଦକ୍ଷେପ ନେଉଛନ୍ତି ।

ତ୍ରିପୁରାର ୧୬ଟି ସହରାଞ୍ଚଳରେ ମତଦାନ :



ବିଜେପି ୭୭ଟି ଆସନରେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ହୋଇସାରିଛି । ଡିସେମ୍ବର ୨ରେ ଭୋଟ୍ ଗଣତି ହେବ । ଉତ୍ତର-ପୂର୍ବ ଭାରତରେ ସ୍ଥାନୀୟ ନିର୍ବାଚନର ଗୁରୁତ୍ୱ ଅନେକ ବୃଦ୍ଧି ପାଇଥିବା ବେଳେ ଏହି ଅଞ୍ଚଳରେ ଜାତିଗତ ପରିଚୟ, ଆଦିବାସୀ ଅଧିକାର, ଭାଷା ଓ ବିକାଶ ପ୍ରସଙ୍ଗ ରାଜନୀତିକୁ ପ୍ରଭାବିତ କରିଥାଏ । ତେଣୁ ପୌର ନିର୍ବାଚନର ଫଳାଫଳ ଦଳଗୁଡ଼ିକୁ ଜନସାଧାରଣଙ୍କ ମନୋଭାବ ବୁଝିବାର ସୁଯୋଗ ଦିଏ । ପ୍ରଥମତଃ, ସହରାଞ୍ଚଳରେ ବିଜେପିର ପ୍ରଭାବ ଯେତେ ଦୃଢ଼ ରହିଛି, ତାହା ଏହି ନିର୍ବାଚନରୁ ସ୍ପଷ୍ଟ ହେବ ।

ଓଡ଼ିଶାକୁ ଥରାଇଲା ଶୀତ

ଭୁବନେଶ୍ୱର,୨୭/୧୧(ନି/ପ୍ର): ରାଜ୍ୟରେ ଆରମ୍ଭ ହେଲା ହାଡ଼ଭଙ୍ଗା ଶୀତ ! ପ୍ରଥମ ଥର ପାଇଁ ୧୦ ଡିଗ୍ରୀ ତଳକୁ ଖସିଯିବା ପାରଦ । ଶୀତରେ ଥରୁଛି ସାରା ଓଡ଼ିଶା । ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଛି ଜଦ୍ଧମାଳ ଜିଲ୍ଲାର ଜି.ଉଦୟଗିରି । ଆଜି ଏଠାରେ ସର୍ବନିମ୍ନ ତାପମାତ୍ରା ୮.୬ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି । କେବଳ ଜି.ଉଦୟଗିରି ନୁହେଁ, ରାଜ୍ୟର ଅନେକ ସହରରେ ମଧ୍ୟ ଶୀତର ପ୍ରକୋପ ବଢ଼ିଛି । ଦାରିଙ୍ଗବାଡ଼ିରେ ୧୧.୫ ଡିଗ୍ରୀ, ଝାରସୁଗୁଡ଼ାରେ ୧୧.୮ ଡିଗ୍ରୀ ଏବଂ ଫୁଲବାଣୀରେ ୧୨ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି । ସେହିପରି କେନ୍ଦୁଝରରେ ୧୩.୪ ଡିଗ୍ରୀ, କିଓଞ୍ଜରରେ ୧୩.୫ ଡିଗ୍ରୀ, ରାଉରକେଲା ଓ ସେମିଲିଗୁଡ଼ାରେ ୧୩.୬ ଡିଗ୍ରୀ ରହିଛି ପାରଦ । କୋରାପୁଟ ଓ ଭବାନୀପାଟଣାରେ ୧୪ ଡିଗ୍ରୀ, ବଲାଙ୍ଗୀରରେ ୧୪.୩ ଡିଗ୍ରୀ, ଦେବଗଡ଼ରେ ୧୪.୪ ଡିଗ୍ରୀ ଏବଂ ସମ୍ବଲପୁରରେ ୧୪.୮ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି ।

କୁଏତ୍‌ରେ ଡ୍ରୋନ୍ ଆକ୍ରମଣରେ ୨ ଇଟାଲୀୟଙ୍କ ମୃତ୍ୟୁ



କୁଏତ୍ ସିଟି,୨୭/୧୧: କୁଏତରେ ଗୁରୁବାର ଏକ ଡ୍ରୋନ୍ ଆକ୍ରମଣରେ ଏକ ବାୟୁ ପ୍ରତିରକ୍ଷା ପ୍ରଣାଳୀରେ କାର୍ଯ୍ୟ କରୁଥିବା ଦୁଇ ଇଟାଲୀୟ ଟେକ୍ନିସିଆନ୍‌ଙ୍କର ମୃତ୍ୟୁ ହୋଇଛି । ଜିଛି ମାସ ବ୍ୟବଧାନରେ ଉପସାଗରୀୟ ରାଜ୍ୟରେ ଏହା ପ୍ରଥମ ଘାତକ ଆକ୍ରମଣ ଥିଲା । ଇଟାଲୀ ଓ କୁଏତ ଉଭୟ ଟେକ୍ନିସିଆନଙ୍କ ମୃତ୍ୟୁକୁ ନିନ୍ଦିତ କରି ଆକ୍ରମଣ ପାଇଁ ଇରାନକୁ ଦାୟୀ କରିଛନ୍ତି । ତେବେ ଇରାନର ବିଦେଶ ମନ୍ତ୍ରୀ ଆବାସ ଆରାଘଚି ତାଙ୍କ କୁଏତ ଓ ଇଟାଲୀୟ ପ୍ରତିପକ୍ଷଙ୍କୁ ଫୋନ କରି ଏହି ଘାତକ ଆକ୍ରମଣ ପଛରେ ଇରାନର ହାତ ନାହିଁ ବୋଲି କହିଛନ୍ତି । ସୂଚନାଯୋଗ୍ୟ, ଇରାନ ବିଦାରୀୟ ହର୍ମୁଜ ପ୍ରଣାଳୀର ନିୟନ୍ତ୍ରଣ ପାଇଁ ଆମେରିକା ସହିତ ଲଢ଼େଇ ଜାରି ରଖିଥିବାବେଳେ ଗତ ସପ୍ତାହରେ କୁଏତ ଓ ଉପସାଗରୀୟ ପଡ଼ୋଶୀ ଦାହାନିର ଉପରେ ଆକ୍ରମଣ ବୃଦ୍ଧି କରିଛି । ଇଟାଲୀର ବୈଦେଶିକ ମନ୍ତ୍ରୀ ଆଣ୍ଟୋନିଓ ତାଜାନି ସିନେଟରେ କହିଛନ୍ତି ଯେ, ଇରାନରେ ନିର୍ମିତ ଅନେକ ଡ୍ରୋନ କୁଏତ ସାମରିକ ପ୍ରତିଷ୍ଠାନକୁ ଟାର୍ଗେଟ କରିଥିଲେ, ଯେଉଁଥିରେ ଏକ ଏୟାର-ଡିଫେନ୍ସ ଡିଟେକ୍ସନ ଷ୍ଟେସନ ମଧ୍ୟ ଅନ୍ତର୍ଭୁକ୍ତ ଯେଉଁଠାରେ ରେନମେଟାଇର ବୁଇଜଣ ଇଟାଲୀୟ ଟେକ୍ନିସିଆନ କାମ କରୁଥିଲେ । ଇଟାଲୀ ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନି ଏହି ଘଟଣାକୁ ନେଇ ସୋସିଆଲ ମିଡିଆରେ ଶୋକ ପ୍ରକାଶ କରିଛନ୍ତି । ଜିବୁ ଇରାନ ଏହି ଘାତକ ଆକ୍ରମଣ ପଛରେ ଥିବା ଅଭିଯୋଗକୁ ତୁରନ୍ତ ଖଣ୍ଡନ କରିଛି । ଇରାନର ସରକାରୀ ଟିଭି ଓ ବିଦେଶ ମନ୍ତ୍ରଣାଳୟ ଅନୁଯାୟୀ, ଆରାଘଚି ତାଙ୍କ କୁଏତ ପ୍ରତିପକ୍ଷ ଜାରାହ ଜାବେର ଅଲ-ଅହମଦ ଅଲ-ସବାହ ଓ ଇଟାଲୀୟ ପ୍ରତିପକ୍ଷ ଆଣ୍ଟୋନିଓ ତାଜାନିଙ୍କ ସହ ଫୋନ୍ କଲ୍ କରି ତେହେରାନର ସମ୍ପୃକ୍ତିକୁ ଅସ୍ୱୀକାର କରିଥିଲେ । ଆକ୍ରମଣ ପାଇଁ କିଏ ଦାୟୀ ତା'ର ତଦନ୍ତରେ ସହଯୋଗ କରିବାକୁ ଇରାନ ପ୍ରତିଶ୍ରୁତି ଦେଇଥିବା ଇଟାଲୀର ବିଦେଶ ମନ୍ତ୍ରୀ କହିଛନ୍ତି । ଏପରିକି ଆରାଘାଚି ମିଳିତ ତଦନ୍ତ ପାଇଁ ପ୍ରସ୍ତାବ ଦେଇଛନ୍ତି । ଜିବୁ ବୁଇ ଇଟାଲୀୟଙ୍କ ମୃତ୍ୟୁ ପରେ ୟୁରୋପୀୟ ସଂଘ ମୁଖ୍ୟ ଉର୍ସୁଲା ଭନ୍ ଡେର୍ ଲେୟନ୍ ତେହେରାନ ଉପରେ ଅଧିକ ଚାପ ପକାଇବାକୁ ଆହ୍ୱାନ କରିଛନ୍ତି । ଏହି ଆକ୍ରମଣରେ ୪ ଜଣ ଲୋକ ଆହତ ହୋଇଥିବା କୁଏତ ସୂଚନା ଦେଇଛି ।

ନ୍ୟୁଜିଲାଣ୍ଡରେ କ୍ଷମତା ସଙ୍କଟ !

ସଂଖ୍ୟାଗରିଷ୍ଠତା ହରାଇଲେ ପ୍ରଧାନମନ୍ତ୍ରୀ ଲକ୍ସନ୍



ୱେଲିଂଟନ୍,୨୭/୧୧:ନ୍ୟୁଜିଲାଣ୍ଡ ରାଜନୀତିରେ ନୂଆ ମୋଡ଼ । ଶାସକ ଦଳ ନ୍ୟାସନାଲ ପାର୍ଟି ଉପନିର୍ବାଚନରେ ପରାସ୍ତ ହେବା ପରେ ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନ୍‌ଙ୍କ ମେଟ ସରକାର ସଂଖ୍ୟାଗରିଷ୍ଠତା ହରାଇଛି । ଫଳରେ ଦେଶରେ ନୂଆ ସରକାର ଗଠନକୁନେଇ ଅନିଶ୍ଚିତତା ବଢ଼ିଛି । ନଭେମ୍ବର ୭ରେ ହୋଇଥିବା ନିର୍ବାଚନ ପ୍ରାରମ୍ଭିକ ଫଳାଫଳରେ ଲକ୍ସନ୍‌ଙ୍କ ମେଟ ସରକାର କ୍ଷମତା ବଜାୟ ରଖିବ ବୋଲି ଆଶା କରାଯାଇଥିଲା । କିନ୍ତୁ ଚୂଡ଼ାନ୍ତ ଗଣତିରେ ଦଳ ବହୁମତି ଆସନ ହରାଇଛି । ଫଳରେ ଏନ୍‌ଜେଡ୍ ଫାଷ୍ଟ ଓ ଏସିଟି ଦଳର ସମର୍ଥନ ଥିଲେ ମଧ୍ୟ ମେଟ ସରକାର ସଂଖ୍ୟାଗରିଷ୍ଠତାରୁ ଥୋଡ଼ାଏ ଆସନ ପଛରେ ରହିଛି । ଏଭଳିସ୍ଥିତିରେ ଛୋଟ ବଡ଼ ଅପରଚ୍ୟୁନିଟିର ନେତୃତ୍ୱ ଜିଇଲାଏ ଓ୍ୱାଙ୍କ୍ସ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ତାଙ୍କ ଦଳର ସମର୍ଥନ ବିନା ଲକ୍ସନ୍‌ଙ୍କ ପାଇଁ ସରକାର ଗଠନ କରିବା କଷ୍ଟକର ହେବ। ଅର୍ଥାତ୍ ଏବେ ନୂଆ ସରକାର ଗଠନର ଚାବିକାଠି ଓ୍ୱାଙ୍କ୍ସଙ୍କ ହାତରେ। ଓ୍ୱାଙ୍କ୍ସ କହିଛନ୍ତି, ତାଙ୍କ ଦଳ ଦେଶରେ ଜଳବାୟୁ ପରିବର୍ତ୍ତନ, ଜୀବନଧାରଣ ଖର୍ଚ୍ଚ ହ୍ରାସ ଓ ରାଜନୀତିରେ ସ୍ୱଚ୍ଛତା ଆଣିବାକୁ ପ୍ରାଥମିକତା ଦେବ। ଏହି ପ୍ରସଙ୍ଗଗୁଡ଼ିକରେ କୌଣସି ସାଲିସ୍ ଜରାଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ଅନ୍ୟପଟେ, ଲକ୍ସନ୍ ସ୍ୱୀକାର କରିଛନ୍ତି ଯେ, ସରକାର ଗଠନ ପାଇଁ ଆଲୋଚନା ସହଜ ହେବ ନାହିଁ ଓ ଏଥିପାଇଁ ସମୟ ଲାଗିପାରେ। ବିରୋଧୀ ଲେବର ପାର୍ଟିର ନେତା କ୍ରିସ୍ ହିପକିନ୍ସ ମଧ୍ୟ ଓ୍ୱାଙ୍କ୍ସ ସହ ଆଲୋଚନା କରିଛନ୍ତି । ଯଦି କୌଣସି ଦଳ ମଧ୍ୟରେ ସହମତି ନ ହୁଏ, ତେବେ ନ୍ୟୁଜିଲାଣ୍ଡରେ ପୁଣି ନିର୍ବାଚନ ହେବାର ସମ୍ଭାବନା ରହିଛି । ତେଣୁ ଆଗାମୀ ଜିଛି ସପ୍ତାହ ବେଶର ରାଜନୈତିକ ଭବିଷ୍ୟତ ପାଇଁ ଦେଶ ଗୁରୁତ୍ୱପୂର୍ଣ୍ଣ ।

ଆମେରିକାରେ ପ୍ରକୃତିର ପ୍ରଳୟଙ୍କରୀ ରୂପ !

୯ ଲକ୍ଷ ଘରକୁ ବିଦ୍ୟୁତ୍ ଠପ୍, ଯାତ୍ରୀ ହନ୍ତସନ୍ତ



ନୂଆଦିଲ୍ଲୀ, ୨୭।୧୧: ଆମେରିକାରେ ଥ୍ୟାଙ୍କସଗିଭିଙ୍ଗ ଛୁଟି ଅବସରରେ ପ୍ରକୃତିର ତାଣ୍ଡବ । ଦେଶର ପୂର୍ବ ଭାଗରେ ଆସିଥିବା ଶକ୍ତିଶାଳୀ ଝଡ଼ ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି । ପ୍ରବଳ ପବନ, ମୁଷଳଧାରା ବର୍ଷା ଏବଂ ସମୁଦ୍ର ଉପକୂଳରେ ବନ୍ୟା ସ୍ଥିତି ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରଭାବିତ କରିଛି । ଝଡ଼ ଯୋଗୁଁ ପ୍ରାୟ ୯ ଲକ୍ଷରୁ ଅଧିକ ଘର ଓ ବ୍ୟବସାୟିକ ପ୍ରତିଷ୍ଠାନରେ ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯାଇଛି । ଏଥିସହ ଶହ ଶହ ବିମାନ ବାତିଲ୍ ହୋଇଥିବାବେଳେ ହଜାର ହଜାର ଯାତ୍ରୀ ବିମାନବନ୍ଦରରେ ଫସି ରହିଛନ୍ତି । ବିଦ୍ୟୁତ୍ ସରବରାହ ଉପରେ ନଜର ରଖୁଥିବା ପ୍ୟୋବସାଇଟ୍ ପାୱାର ଆଉଟେଜ୍ ଅନୁଯାୟୀ, ଗୁରୁବାର ସନ୍ଧ୍ୟା ସୁଦ୍ଧା ଆମେରିକାର ମଧ୍ୟ-ପଶ୍ଚିମ ଏବଂ ଉତର-ପୂର୍ବ ଅଞ୍ଚଳରେ ପ୍ରାୟ ୯ ଲକ୍ଷ ଗ୍ରାହକ ବିଦ୍ୟୁତ ସେବାରୁ ବଞ୍ଚିତ ହୋଇଥିଲେ । ସିଏନ୍‌ଏନ୍ ରିପୋର୍ଟ ଅନୁସାରେ, ପେନ୍‌ସିଲଭାନିଆରେ ୨.୧୩ ଲକ୍ଷରୁ ଅଧିକ, ଇଲିନିଆରେ ୧.୫ ଲକ୍ଷରୁ ଅଧିକ ଏବଂ ମିସୋରିରେ ପ୍ରାୟ ୧.୨ ଲକ୍ଷ ଗ୍ରାହକଙ୍କ ଘରେ ବିଦ୍ୟୁତ୍ ନଥିଲା । ଆମେରିକାର ପୂର୍ବ ଉପକୂଳରେ ଘଟା ପ୍ରତି ୧୧୨ କିଲୋମିଟର ବେଗରେ ପବନ ବହିଥିଲା । ଏହାର ପ୍ରଭାବରେ ବହୁ ସଂଖ୍ୟାରେ ଗଛ ଏବଂ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଥିଲା । ଡେଲାୱେର, ନ୍ୟୁଜର୍ସି ଏବଂ ଦକ୍ଷିଣ-ପୂର୍ବ ପେନ୍‌ସିଲଭାନିଆରେ ବ୍ୟାପକ ବିଦ୍ୟୁତ୍ ଜାତ୍ ହୋଇଥିଲା । ଏହାକୁ ସାମ୍ପ୍ରତିକ ଇତିହାସର ସବୁଠାରୁ ବଡ଼ ଥ୍ୟାଙ୍କସଗିଭିଙ୍ଗ ଝଡ଼ ବୋଲି ଆମେରିକାର ଜାତୀୟ ପାଣିପାଗ ସେବା ପକ୍ଷରୁ କୁହାଯାଇଛି । ଥ୍ୟାଙ୍କସଗିଭିଙ୍ଗ ଛୁଟି ଅବସରରେ ଯାତ୍ରା କରୁଥିବା ଲୋକଙ୍କ ପାଇଁ ଝଡ଼ ବଡ଼ ସମସ୍ୟା ସୃଷ୍ଟି କରିଛି । ଫ୍ଲାଇଟ୍ ଟ୍ରାକିଂ ୱେବସାଇଟ୍ ଫ୍ଲାଇଟ୍‌ଆୱେର ଅନୁସାରେ, ଗୁରୁବାର ଆମେରିକାର ବିଭିନ୍ନ ବିମାନବନ୍ଦରରେ ୩୫୦ରୁ ଅଧିକ ବିମାନ ବାତିଲ୍ ହୋଇଥିବାବେଳେ ପ୍ରାୟ ୭୦୦ ବିମାନ ଉଡ଼ାଣରେ ବିଳମ୍ବ ହୋଇଥିଲା । ଆମେରିକୀୟ ଅଟୋମୋବାଇଲ୍ ଆସୋସିଏସନ୍ (ଏଏଏ) ଅନୁଯାୟୀ, ଥ୍ୟାଙ୍କସଗିଭିଙ୍ଗ ଅବସରରେ ୭ ଦିନ ମଧ୍ୟରେ ପ୍ରାୟ ୮.୧୫ କୋଟି ଆମେରିକୀୟ ଅତି ଜରୁରୀ ନଥିଲେ ମଧ୍ୟ ଜରୁରୀକାଳୀନ ପରଦକ୍ଷେପ ଲାଗୁ କରାଯାଇଛି । ଥ୍ୟାଙ୍କସଗିଭିଙ୍ଗ ଛୁଟିରେ ଆସିଥିବା ଏହି ଝଡ଼ ଆମେରିକାର ଯୋଗାଯୋଗ, ବିଦ୍ୟୁତ ସେବା ଏବଂ ଯାତାୟାତ ବ୍ୟବସ୍ଥାକୁ ଗୁରୁତର ଭାବେ ପ୍ରଭାବିତ କରିଛି । ଆମେରିକାର ପୂର୍ବ ଉପକୂଳରେ ଘଟା ପ୍ରତି ୧୧୨ କିଲୋମିଟର ବେଗରେ ପବନ ବହିଥିଲା । ଏହାର ପ୍ରଭାବରେ ବହୁ ସଂଖ୍ୟାରେ ଗଛ ଏବଂ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଥିଲା ।

ଆବଶ୍ୟକ

ଉତ୍କଳ ସମାଗମ

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଗମ'ର ସମସ୍ତ ଜିଲ୍ଲା ପାଇଁ:
ଜିଲ୍ଲାସ୍ତରୀୟ



କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ପର୍ଯ୍ୟଟନ ମାନଚିତ୍ରରେ ନୂଆ ପରିଚୟ ପାଇବ କେନ୍ଦୁଝର

୨୦୬ କୋଟି ଟଙ୍କାର ନିବେଶ ପାଇଁ ନିବେଶକଙ୍କ ସମ୍ମତି; ପର୍ଯ୍ୟଟନ ଭିତିଭୂମି ବିକାଶ ଉପରେ ଗୁରୁତ୍ୱ



କେନ୍ଦୁଝର,୨୭/୧୧(ନି/ପ୍ର): କେନ୍ଦୁଝର ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ରର ସମ୍ଭାବନାକୁ ଆହୁରି ବ୍ୟାପକ କରିବା, ନୂତନ ନିବେଶକଙ୍କୁ ଆକର୍ଷିତ କରିବା ଏବଂ ପର୍ଯ୍ୟଟନ ଭିତିଭୂମିର ବିକାଶ ଲକ୍ଷ୍ୟରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍ ?ରେ ଜିଲ୍ଲାସ୍ତରୀୟ ପର୍ଯ୍ୟଟନ ପ୍ରୋତ୍ସାହନ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ବିଭିନ୍ନ ଅଂଚଳର ନିବେଶକମାନେ ପର୍ଯ୍ୟଟନ କ୍ଷେତ୍ରରେ ମୋଟ ୨୦୬ କୋଟି ଟଙ୍କାର ନିବେଶ ପାଇଁ ସମ୍ମତି ପ୍ରକାଶ କରିଥିବା ବିଷୟ ବୈଠକରେ ଉଲ୍ଲେଖ କରାଯାଇଥିଲା। ବୈଠକରେ ପର୍ଯ୍ୟଟନ ବିଭାଗର ସହ-ନିର୍ବେଶକ ରମେଶ ଚନ୍ଦ୍ର ନାୟକ ଯୋଗଦେଇ ପର୍ଯ୍ୟଟନ କ୍ଷେତ୍ରରେ ନିବେଶକ ଓ ଉଦ୍ୟୋଗୀମାନଙ୍କୁ ଆକର୍ଷିତ କରିବା ପାଇଁ ଉପଲବ୍ଧ ଆର୍ଥିକ ସହାୟତା, ସବ୍‌ସିଡି ଓ ବିଭିନ୍ନ ପ୍ରୋତ୍ସାହନମୂଳକ ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲାରେ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ସହ ପର୍ଯ୍ୟଟନ କ୍ଷେତ୍ରରେ ଅଧିକ ନିବେଶକଙ୍କୁ ଆକର୍ଷିତ କରିବା ଏବଂ ୨୦୩୬ଜୁ ଲକ୍ଷ୍ୟ ରଖି ଷ୍ଟାର୍ ହୋଟେଲ୍‌ର ବିକାଶ ଉପରେ ସେ ଗୁରୁତ୍ୱ ଦେଇଥିଲେ। ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ଆବଶ୍ୟକ ଭିତିଭୂମିର ବିକାଶ ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ପର୍ଯ୍ୟଟକଙ୍କ ସୁବିଧା ପାଇଁ ଭୋଜନାଳୟ, ପାର୍କିଂ ବ୍ୟବସ୍ଥା, ମନୋରଞ୍ଜନ ପାର୍କ, ଖାଦ୍ୟ ପ୍ରାଙ୍ଗଣ, ଚିକିତ୍ସା ଓ ପ୍ରାଥମିକ ଚିକିତ୍ସା ସୁବିଧା, ଥିମ୍ ପାର୍କ, ଐତିହ୍ୟ ସମ୍ପତ୍ତିର ସଂରକ୍ଷଣ, ଐତିହ୍ୟ ହୋଟେଲ୍ ଏବଂ ସଞ୍ଜିଳନୀ କେନ୍ଦ୍ର ଭଳି ସୁବିଧାର ବିକାଶ ନେଇ ଆଲୋଚନା କରାଯାଇଥିଲା। ଉପଜିଲ୍ଲାପାଳ ପୁଷ୍ପକ କୁମାର ପ୍ରଧାନ ପର୍ଯ୍ୟଟନ କ୍ଷେତ୍ରରେ ଯୁବ ଉଦ୍ୟୋଗୀମାନଙ୍କ ଅଂଶଗ୍ରହଣ ଓ ନୂତନ ଉଦ୍ୟୋଗ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାର ପର୍ଯ୍ୟଟନ ସମ୍ଭାବନାକୁ ଆଧାର କରି ଯୁବପିଢ଼ି ଅଭିନବ ବ୍ୟବସାୟିକ ଚିନ୍ତାଧାରା ସହ ଆଗକୁ ଆସି ପର୍ଯ୍ୟଟନ ଭିତିଭୂମି ଓ ସେବା କ୍ଷେତ୍ରରେ ନିଜର ଯୋଗଦାନ ରଖିବାକୁ ସେ ଉତ୍ସାହିତ କରିଥିଲେ। ଏହାଦ୍ୱାରା ସ୍ଥାନୀୟ ଅଂଚଳରେ ନୂତନ ରୋଜଗାର ସୁଯୋଗ ସୃଷ୍ଟି, ଆମ୍ନିର୍ଭରଶୀଳତା ବୃଦ୍ଧି ଏବଂ ପର୍ଯ୍ୟଟନ ଶିଳ୍ପର ସାମଗ୍ରିକ ବିକାଶ ସମ୍ଭବ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। କେନ୍ଦୁଝର ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଯଥା ସାନଘାଗରା, ବଡ଼ଘାଗରା, ହଦଗଡ଼ ଜଳବଣ୍ଡାର ଓ ବିଭିନ୍ନ ଜଳପ୍ରପାତର ପ୍ରଚାର-ପ୍ରସାର ଏବଂ ଏହାର ପର୍ଯ୍ୟଟନ ଆକର୍ଷଣକୁ ଅଧିକ ବ୍ୟାପକ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଏହି ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ଅଧିକ ପର୍ଯ୍ୟଟକଙ୍କ ନିକଟରେ ପରିଚିତ କରାଇବା ସହ ସୁବିଧାଜନକ ଓ ଆକର୍ଷଣୀୟ ପର୍ଯ୍ୟଟନ ଅନୁଭୂତି ପ୍ରଦାନ କରିବା ନେଇ ଆଲୋଚନା ହୋଇଥିଲା। ବୈଠକରେ ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ବିନତା ମାଝୀ, ହୋଟେଲ୍ ମାଲିକ ଙ୍କପର ସଭାପତି ସୁରେଶ ପଟ୍ଟନାୟକ, ବ୍ୟାଙ୍କ ଅଫ୍ ଇଣ୍ଡିଆର ଅଗ୍ରଣୀ ଜିଲ୍ଲା ପରିଚାଳକ (ଏଲ୍‌ଡିଏମ୍) ହୀରାଲାଲ ମହାମଲ୍ଲିକ ଏବଂ ଅନ୍ୟାନ୍ୟ ବିଭାଗୀୟ କର୍ମକର୍ତ୍ତାମାନେ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ପର୍ଯ୍ୟଟନ କ୍ଷେତ୍ର ସହ ଜଡ଼ିତ ବର୍ତମାନର ଓ ସମ୍ଭାବ୍ୟ ନିବେଶକ ଏବଂ ଯୁବ ଉଦ୍ୟୋଗୀମାନେ ମଧ୍ୟ ବୈଠକରେ ଅଂଶଗ୍ରହଣ କରିଥିଲେ। କିଲ୍ଲାର ପର୍ଯ୍ୟଟନ ସମ୍ଭାବନାକୁ ପଠିକ୍ ଭାବେ ଉପଯୋଗ କରି ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି, ନିବେଶ ଓ ଉଦ୍ୟୋଗ ସୃଷ୍ଟି, ସ୍ଥାନୀୟ ଲୋକଙ୍କ ପାଇଁ ରୋଜଗାର ସୁଯୋଗ ବୃଦ୍ଧି ଏବଂ ଜିଲ୍ଲାର ଅର୍ଥନୈତିକ ବିକାଶକୁ ଗତି ଦେବା ଦିଗରେ ଏହି ବୈଠକ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଥିଲା।

ଭାରତୀୟ ଜୀବନ ବୀମା ନିଗମ କେନ୍ଦୁଝର ଶାଖାର ୫୩ତମ ପ୍ରତିଷ୍ଠା ଦିବସ



କେନ୍ଦୁଝର,୨୭।୧୧(ନି/ପ୍ର): ଭାରତୀୟ ଜୀବନବୀମା ନିଗମ କେନ୍ଦୁଝର ଶାଖା ୫୩ ତମ ଜନ୍ମଦିନ ପାଳନ କରିଛି । ମଙ୍ଗଳା ସ୍ଥିତ ଏଲଆଇସି ଅଫିସ ପରିସରରେ ସମସ୍ତ ଅଧିକାରୀ, କର୍ମଚାରୀ, ବିମାଧାରକ ଓ ଏଜେଂଟଙ୍କ ଗହଣରେ କେନ୍ଦୁଝର ଶାଖାର ୫୩ ତମ ଜୟନ୍ତୀ ମହା ସମାରୋହରେ ପାଳନ କରାହୋଇଛି । ଏହି ଅବସରରେ ଭାରତୀୟ ଜୀବନବୀମା ନିଗମ କେନ୍ଦୁଝର ଶାଖାର ଶାଖା ପରିଚାଳକ ଶକ୍ତି ପ୍ରସାଦ ମିଶ୍ର, ସହକାରୀ ଶାଖା ପରିଚାଳକ ଶୁଭବ୍ରତ ନାଏକଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀ ମାନେ କେକ୍ କାଟି ଶାଖାର ଜନ୍ମଦିନ ପାଳନ କରିଥିଲେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦୁଝର ଶାଖାର ସମସ୍ତ ଅଧିକାରୀ, କର୍ମଚାରୀ ଓ ଏଜେଂଟମାନଙ୍କୁ ଜୀବନବୀମାର ଗୁରୁତ୍ୱ ଓ ମହତ୍ୱ ବିଷୟରେ ଶାଖା ପରିଚାଳକ ସବିତେନ କରିବା ସହ ବକ୍ତବ୍ୟ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ ୧୯୭୪ ମସିହା ନଭେମ୍ବର ୨୪ ତାରିଖରେ କେନ୍ଦୁଝର ସହରରେ ଭାରତ ସରକାରଙ୍କ ଉପମ୍ରକ୍ତ ଭାରତୀୟ ଜୀବନବୀମା ନିଗମ ଜାର୍ଯ୍ୟାଳୟ ଖୋଲା ଯାଇ ସେବେଠାରୁ କେନ୍ଦୁଝର ବାସୀଙ୍କୁ ବୀମାର ସମସ୍ତ ସୁବିଧା ଓ ସେବା ଯୋଗାଇ ଆସୁଛି। ସେହି ଦିନଠାରୁ କେନ୍ଦୁଝରର ସାଧାରଣ ଲୋକଙ୍କ ହାତ ପାଆନ୍ତାରେ ଜୀବନବୀମା ଜିବିବା ସହ ବୀମା ସମ୍ବନ୍ଧୀୟ ସମସ୍ତ ସୁବିଧା ଉପଲବ୍ଧ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶାଖାର ବରିଷ୍ଠ ଅଧିକାରୀ ଭାସ୍କର ଚନ୍ଦ୍ର ପରିଡା, ଗୌତମ ନାଏକ, ଗୋପାଳ ନାଏକ, ପ୍ରାଣବନ୍ଧୁ ନାଏକ, ଲକ୍ଷ୍ମୀଧର ନାଏକ, ସମସ୍ତ ବିକାଶ ଅଧିକାରୀ, ଶାଖା କର୍ମଚାରୀ ଙ୍କପ ସଂଗଠକ ଖଗେଶ୍ୱର ବେହେରା, ସଂଘଭୁକ୍ତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

ଲାଇଫିହା କପ ଫୁଟବଲ ଟୁର୍ଣ୍ଣାମେଂଟ: ସମ୍ବଲପୁର ଚମ୍ପିୟାନ

ବରାଜୀର,୨୭।୧୧(ନି/ପ୍ର): ଲୋଇଫିଂହା ଷ୍ଟାଡିୟମର ସ୍ୱନାମଧନ୍ୟ ଦିବସ ଅବସରରେ ଷ୍ଟାଡିୟମ୍ ଟ୍ରଷ୍ଟବୋର୍ଡ ଏବଂ ଏଥେଇଟିକ ଅଗୋସିଏସନର ମିଳିତ ଆନୁକୂଲ୍ୟରେ ନେଇଥିବା ରାଜ୍ୟସ୍ତରୀୟ ୧୪ରୁ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ୯"ଲାଇଫିଂହା କପ ଫୁଟବଲ ଟୁର୍ଣ୍ଣାମେଂଟ"ର ଫାଇନାଲ ମ୍ୟାଚ ଲୋଇଫିଂହା ଏଥେଇଟିକ ଏସୋସିଏସନ୍ ଓ ସମ୍ବଲପୁର ଆଶିଷ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଲୋଇଫିଂହାକୁ ୩-୧ ଗୋଲରେ ହରାଇ ସମ୍ବଲପୁର ଏକାବଶ ଚମ୍ପିୟାନ ହୋଇଛି । ମ୍ୟାଚ୍‌ଜମିଶନର ସୁବୟ ବାରିକଙ୍କ ତତ୍ୱାବଧାନରେ ଜରୁଆକର ପ୍ରଧାନ, ସୁଧାଂଶୁ ସେଟ୍, ଦେବାଶିଷ ବାଗ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ବିଜୟ ରଣା, ଅଞ୍ଜନ ବେଶ୍ରା, ରୋଶନ ମେହେର ପ୍ରମୁଖ ସହଯୋଗ କରିଥିଲେ । ଏହି ପ୍ରତିଯୋଗିତାର ମୋଟ ୮ ଗୋଟିଦଳ ଅଂଶଗ୍ରହଣ କରିଥିଲେ । ସମ୍ବଲପୁର ଦଳର ମହାଦେବ ଓରାମ ୯"ପୁୟାର ଅଫ୍ ଦି ଟୁର୍ଣ୍ଣାମେଂଟ" ଓ ବିଜୁ ଓରାମ ୯'ପୁୟାର ଅଫ ଦି ମ୍ୟାଚ" ବିବେଚିତ ହୋଇଥିଲେ । ଉତ୍ସବାପନ୍ନ ତଥା ପୁରସ୍କାର ବିତରଣୀ ସମାରୋହରେ ମୁଖ୍ୟ ଅତିଥିଭାବେ ଷ୍ଟାଡିୟମ୍‌ପ୍ରତିଷ୍ଠାତା ତଥା ବରିଷ୍ଠ ଜଂଘୁସ ନେତା ନରସିଂହ ମିଶ୍ର ଯୋଗ ଦେଇ ଉଭୟ ବଢିଆ ଓ ଉପ ବଢିଆ ଦଳକୁ ନଗଦ ଅର୍ଥରାଶି ସମେତ ଟ୍ରଫି ଦେଇ ପୁରସ୍କୃତ କରିଥିଲେ । ସମ୍ମାନିତ ଅତିଥି ଭାବେ କ୍ରୀଡାବିତ୍ ତଥା ଭଲିବଲ୍ କୋଚ୍ ରାଜକିଶୋର ବେହେରା, ଅଶୋକ ଭିତିଗିଆ ଯୋଗ ଦେଇଥିବା ବେଳେ ଟ୍ରଷ୍ଟବୋର୍ଡ ସମ୍ପାଦିକା ସ୍ମିତା ମିଶ୍ର, ବିଭୂତି ଭୂଷଣ ସାହାଣୀ ପ୍ରମୁଖ ମଂଚାସିନ ଥିଲେ ।

ଚମ୍ପୁଆଗର ରାହାସ ଉତ୍ସବ ପାଳିତ

ଚମ୍ପୁଆ,୨୭।୧୧(ନି/ପ୍ର):ଚମ୍ପୁଆ ବଜାର ସ୍ଥିତ ଶ୍ରୀ ରାହାସ ବିହାରୀ (ରାଧାକୃଷ୍ଣ) ମନ୍ଦିର ରେ ରାହାସ ଉତ୍ସବ ମହା ଆଡମ୍ବର ରେ ହେର୍ଷୋଲ୍ଲାସର ସହ ଅନୁଷ୍ଠିତ ହେଇଛି । ଗତ ଶୁକ୍ରବାର ରୁ ଆରମ୍ଭ ହୋଇଥିବା ରାହାସ ଉତ୍ସବ ଜାକଜମକ ର ସହ ପାଳିତ ହେଇଥିବା ବେଳେ ଗତକାଲି ପବିତ୍ର ରାହାସ (ଜାଡିଜ) ପୂର୍ଣ୍ଣିମାରୁ ମନ୍ଦିର ସମ୍ମୁଖ ରେ ଷୋଳହ ପ୍ରହର ଅଖଣ୍ଡ ନାମ ସଂକୀର୍ତନ ଆରମ୍ଭ ହୋଇଛି । ଏଥି ନିମନ୍ତେ ଗତ ସୋମବାର ରାତିରେ ସ୍ଥାନୀୟ ବେଡରଣୀ ନଦୀରୁ ବିଧିବିଧାନ ସହ ଏକ ଶୋଭାଯାତ୍ରା ରେ ଅଧିବାସ ଜଳ ଅଣାଯାଇ ମନ୍ଦିର ସମ୍ମୁଖ ରେ ନିର୍ମିତ ଜାତର୍ନ ମଣ୍ଡପେର ସ୍ଥାପନ କରାଯାଇଛି । ଶିବନାରାୟଣପୁର , ହାତୀବନ୍ଧା , ବାରିପଦା ରୁ ସଂକୀର୍ତନ ଦଳ ମଗନ ଆସି ଅଖଣ୍ଡ ନାମ ସଂକୀର୍ତନ କରୁଛନ୍ତି । ବହୁ ସଂଖ୍ୟରେ ଶ୍ରଦ୍ଧାଳୁ ଜାତର୍ନ ପ୍ରେମୀ ମଗନ ଉପସ୍ଥିତ ରହି ହରିନାମ ଶ୍ରବଣର ଆନନ୍ଦ ନେଉଛନ୍ତି । ଆସନ୍ତାକାଲି ନଗର ଜାତର୍ନ ଓ ବଡ଼ଖାଣ୍ଡ ଉତ୍ସବ ସହ ରାହାସ ଉତ୍ସବ ସମାପ୍ତ ହେବ । ଏହି ଉତ୍ସବ କୁ ଶ୍ରୀ ରାହାସ ବିହାରୀ ମନ୍ଦିର କମିଟିର ସଭାପତି ସିଦ୍ଧି ଚରୁ ନନ୍ଦ , ଉପସଭାପତି ଶୁଶାନ୍ତ ସାହୁ , ସମ୍ପାଦକ ନୟନ ପାଢୀ , ସୁସ୍ମୁ ସମ୍ପାଦକ ସୁରେନ୍ଦ୍ର ସାହୁ , କୋଷାଧ୍ୟକ୍ଷ ଅକ୍ଷୟ ପରିଡ଼ା ଙ୍କ ସେମତ କମିଟି ସଦସ୍ୟ ବଜୁଣ ସାହୁ, ଧୀରଜ ଚାଉଡ଼ା , ସୁଦାମ ମିଶ୍ର , ଭେଦାର ସାହୁ, ନନ୍ଦା ସାହୁ , ଶରତ ସାହୁ , ରବି ବାରିକ, ବିଦ୍ୟାଧର ବିଶାଣୀ , ବିଲାପ ସାହୁ ପ୍ରମୁଖ ପରିଚାଳନା କରୁଥିବା ବେଳେ ସମସ୍ତ ସଦସ୍ୟ ସହଯୋଗ କରୁଛନ୍ତି ।

ଭଦ୍ରକରେ ଲିଙ୍ଗଭିତିକ ହିଂସା ବିରୋଧରେ ୧୬ ଦିନିଆ ଅଭିଯାନର ଶୁଭାରମ୍ଭ

ଭଦ୍ରକ,୨୭।୧୧(ନି/ପ୍ର): ମହିଳା ଓ ବାଳିକାମାନଙ୍କ ପ୍ରତି ଲିଙ୍ଗଭିତିକ ହିଂସାର ପ୍ରତିରୋଧ, ନିରାକରଣ ଏବଂ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଭଦ୍ରକ ଜିଲ୍ଲାରେ ଲିଙ୍ଗଭିତିକ ହିଂସା ବିରୋଧରେ ୧୬ ଦିନିଆ ଅଭିଯାନର ଶୁଭାରମ୍ଭ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବି ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ କରାଯାଇଥିଲା। ମହିଳା ଓ ବାଳିକାଙ୍କ ପ୍ରତି ହିଂସାର ଅନ୍ତ ଘଟାଇବା ପାଇଁ ଏକଜୁଟ ହୁଅନ୍ତୁ: ନ୍ୟାୟ ସୁନିଶ୍ଚିତ କରନ୍ତୁ, ହିଂସାର ଶିକାର ମହିଳା ଓ ବାଳିକାଙ୍କ ପକ୍ଷରେ ସ୍ୱର ଉତ୍ତୋଳନ କରନ୍ତୁ ଏବଂ ଅପରାଧୀଙ୍କ ଦଣ୍ଡମୁକ୍ତିର ଅନ୍ତ ଘଟାନ୍ତୁ। ଏହି ଅବସରରେ ଉପସ୍ଥିତ ସମସ୍ତ ସଦସ୍ୟ ଓ ଜନତାଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ବିଭାଗୀୟ ଅଧିକାରୀ ,ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ , ପ୍ରତ୍ୟେକ ଆରସିଡିଏସ୍ ପ୍ରକଳ୍ପରୁ ଜଣେ ଲେଖାଏଁ ମହିଳା ପରିଦର୍ଶିକା, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ବିଭିନ୍ନ ବୁଲ୍‌ର ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଏବଂ ଡିନୋଟି ସ୍ୱେଚ୍ଛାସେବୀ ସଂସ୍ଥାର ପ୍ରତିନିଧିମାନେ ଉତ୍ସାହର ସହିତ ଯୋଗଦାନ କରିଥିଲେ। ବିଭିନ୍ନ ବିଭାଗ, ଶିକ୍ଷାନୁଷ୍ଠାନ, ସମୁଦାୟ ଓ ସ୍ୱେଚ୍ଛାସେବୀ ସଂସ୍ଥାମାନଙ୍କର ସକ୍ରିୟ ସହଭାଗିତା ଏହି କାର୍ଯ୍ୟକ୍ରମରେ ସମନ୍ୱିତ ପ୍ରୟାସ ଓ ସାମୂହିକ ଦାୟିତ୍ୱବୋଧର ଏକ ଉତ୍କୃଷ୍ଟ ଉଦାହରଣ ସୃଷ୍ଟି କରିଥିଲା । ଏହି ସମଗ୍ର କାର୍ଯ୍ୟକ୍ରମର ଆୟୋଜନ, ସମନ୍ୱୟ ଓ ପରିଚାଳନା ଉତ୍କଳ ଜିଲ୍ଲାର ମହିଳା ସଶକ୍ତିକରଣ ହର୍ କର୍ମଚାରୀମାନଙ୍କ ଦ୍ୱାରା କରାଯାଇଥିଲା। ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ଲିଙ୍ଗଭିତିକ ହିଂସା ସମ୍ପର୍କରେ ଜନସଚେତନତା ବୃଦ୍ଧି, ସମାଜର ସକ୍ରିୟ ସହଭାଗିତା ସୁନିଶ୍ଚିତ କରିବା ଏବଂ ମହିଳା ଓ ବାଳିକାମାନଙ୍କ ପାଇଁ ହିଂସାମୁକ୍ତ, ସୁରକ୍ଷିତ ଓ ସଶ୍ମାନଜନକ ସମାଜ ଗଠନ କରିବା। ମହିଳା ଓ ବାଳିକାଙ୍କ ପ୍ରତି ହିଂସାକୁ କୌଣସି ପରିସ୍ଥିତିରେ ସହ୍ୟ କରାଯିବ ନାହିଁ ହିଂସାମୁକ୍ତ ସମାଜ ଗଠନ ପାଇଁ ଆମ ସମସ୍ତଙ୍କର ସାମୂହିକ ଦାୟିତ୍ୱ ରହିଛି।

ପିଙ୍କିଙ୍କ ଦୁଃସାହସିକ ବାଇକ୍ ଯାତ୍ରା: ଏକାକୀ ଜଲେ ଭାରତ ଭ୍ରମଣ



ନୂଆଦରଡ଼/ହରିପୁର,୨୭/୧୧(ନି/ପ୍ର): ବାଇକ୍ ଯୋଗେ ଏକାକୀ ଭାରତ ଭ୍ରମଣ କରି ଚର୍ଚ୍ଚାରେ ରୁଆଞ୍ଚିଆର ଝିଅ ପିଙ୍କି ପଲେଇ। ଚାରିଧାମ ଦର୍ଶନ ସହ ୬୩ ଦିନ ମଧ୍ୟରେ ମୋଟ ୩୨ ହଜାର କିଲୋମିଟର ଅତିକ୍ରମ କରି ସେ ନିଜର ଦୁଃସାହସିକ ଯାତ୍ରା ଶେଷ କରିଛନ୍ତି। ଯାଜପୁରଜିଲ୍ଲା ରସୁଲପୁର ବ୍ଲକ୍ ବାହାବଲାପୁର ପଚାୟତ ଓରାକି ଗ୍ରାମର ମାଧବ ଚନ୍ଦ୍ର ପଲେଇ ଓ ବିଦୁଲତା ପଲେଇଙ୍କ ବଡ଼ଝିଅ ପିଙ୍କି (୨୯) ଗତ ଅଗଷ୍ଟ ମାସ ୨୨ ତାରିଖରେ ଯାଜପୁରରୁ ହଟଂସ୍ ବାଇକ୍ ଯୋଗେ ଯାତ୍ରା ଆରମ୍ଭ କରିଥିଲେ। ଭାରତର ବିଭିନ୍ନ ତୀର୍ଥକ୍ଷେତ୍ର ସହ ୪ ଧାମ ଓ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ପୀଠ ଦର୍ଶନ ପରେ ଗତକାଲି ସେ ପୁରୀରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ଭ୍ରମଣ ଶେଷ କରିଛନ୍ତି। ଆଜି ମଧ୍ୟାହ୍ନରେ ସେ ଜନ୍ମମାଟି ରୁଆଞ୍ଚିଆରେ ପହଂଚିବା ପରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।ଏକ ଶୋଭାଯାତ୍ରାରେ ତାଙ୍କୁ ଓରାକିସ୍ଥିତ ବାସଭବନ ପର୍ଯ୍ୟନ୍ତ ନିଆଯାଇଥିଲା। ରୁଆଞ୍ଚିଠା ହାଇସ୍କୁଲ୍ ଜଲେଜ୍ ନିକଟରେ ତାଙ୍କ ଶିକ୍ଷାଗୁରୁ ଯୋଗାଡାର୍ଯ୍ୟ ବିଜୟ କୁମାର ଦାସ, ସମାଜସେବୀ ଜାକିର ଚରଣ ଜଣ୍ଡ, ଲାୟନ୍ସ କ୍ଲବ୍‌ର ବରିଷ୍ଠ ସଭ୍ୟ ଶିଶିର କୁମାର ପଣ୍ଡା ସମ୍ବର୍ଦ୍ଧିତ କରିଥିଲେ। ରୁଆଞ୍ଚିଠା ଲକ୍ଷ୍ମୀନାରାୟଣ ପୂଜା କମିଟି ଜାର୍ଯ୍ୟାଳୟ ନିକଟରେ ସଭାପତି ବିପିନ ବିହାରୀ ପଣ୍ଡା, ସମ୍ପାଦକ ବାସୁଦେବ ପଲେଇ, ଆବାହକ ଅଶୋକ ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟ ଶିଶିର କୁମାର ମହାନ୍ତି, ଜୋରେଇ ବିଧାୟକଙ୍କ ମିଡିଆ ପ୍ରତିନିଧି ପବିତ୍ରଲୋଚନ ନାୟକ, ସମିତି ସଭ୍ୟା ମାମି ମହାନ୍ତି, ନରେନ୍ଦ୍ର ସ୍ୱାଇଁ, ସୁନାକର ପଣ୍ଡା ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଓରାକି ସୂର୍ଯ୍ୟନାରାୟଣ ମନ୍ଦିରରେ ନବଭାରତ ହିନ୍ଦୁ ସଂଗଠନ ପକ୍ଷରୁ ଜିଲ୍ଲା ସଭାପତି ସତ୍ୟରଞ୍ଜନ ନାୟକ, ଉପସଭାପତି ବିଜି ସ୍ୱାଇଁ, ମନୋଜ କୁମାର ସାହୁ, ଗୋକୁଳାନନ୍ଦ ପଲେଇ, ଅମୂଲ୍ୟ ପରିଡ଼ା, ସୁଧାକର ପଲେଇ, ପ୍ରକାଶ ମଲିକ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଗାମୀ ଦିନରେ ସେ ବାଇକ୍ ଯୋଗେ ବିଶ୍ୱ ଭ୍ରମଣ କରିବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ପିଙ୍କି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ସମ୍ବିଧାନ ରକ୍ଷା ଦାବିରେ ବାଇକ୍ ରାଲି



ଅନୁଗୋଳ,୨୭।୧୧(ନି/ପ୍ର): ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ଅଖିଳ ଭାରତୀୟ କଂଗ୍ରେସ କମିଟିର ଆହ୍ୱାନ ଓ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ ଜିଲ୍ଲା ସଭାପତି ଫୁଲାଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ବିଶାଳ ବାଇକ୍ ରାଲି ବେଶର ସମ୍ବିଧାନର ରକ୍ଷା ଦାବିରେ ସ୍ଥାନୀୟ ଅନୁଗୋଳ ଷ୍ଟାଡିୟମଠାରୁ ବାହାରି ଅନୁଗୋଳ ବଜାର ବେର ଦେଇ ଜିଲ୍ଲା କଂଗ୍ରେସ ଭବନଠାରେ ପହଂଚିଥିଲା। ଉକ୍ତ ବାଇକ୍‌ରାଲିରେ ଜିଲ୍ଲା କଂଗ୍ରେସର କର୍ମୀମାନେ ଦେଶର ସମ୍ବିଧାନର ସୁରକ୍ଷା ପାଇଁ ବିଭିନ୍ନ ସ୍ଲୋଗାନ ମାନ ଦେଇ ସହର ପରିକ୍ରମା କରୁଥିଲେ। ସମ୍ବିଧାନର ରକ୍ଷା ପାଇଁ କେନ୍ଦ୍ର ସରକାର ଏସଆଇଆରକୁ ସମ୍ପୂର୍ଣ୍ଣରୁପେ କରିବା, ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ସହ ଗିରଫ ବାବି, ପୁନଃ ବାଲାଟ ପେପର ଜରିଆରେ ଭୋଟଦାନ, ଏମଏମଡିଆର ସଂଶୋଧନ ଅଧିନିୟମକୁ ରଦ୍ଦକରିବା ଆବିଦାବିରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଏହି ବାଇକ୍ ରାଲି କରାଯାଇଥିଲା। ଆଜିର ଏହି ବାଇକ୍ ରାଲିରେ ପ୍ରବେଶ କଂଗ୍ରେସ କମିଟିର ସାଂଗଠନ ତଥା ସହ ପ୍ରଭାରୀ ଅତିଥ୍ୟ ଦିବ୍ୟଜିତ ଯୋଗଦେଇଥିବା ବେଳେ ଅନ୍ୟ ମାନଙ୍କ

ବିବିଧା



ଝିଅର ମୃତ୍ୟୁ ପରେ ଚପଲ ପିନ୍ଧୁନାହାନ୍ତି ବିଜୟ ଆଣ୍ଟୋନି

ସାଉଥ ସୁପରଷ୍ଟାର ବିଜୟ ଆଣ୍ଟୋନି ଖୁବ୍ ଶୀଘ୍ର ଫିଲ୍ମ 'ଆସ୍ପା କୁଟି' ସହିତ ବଡ଼ ପରଦାରେ ଫେରିବାକୁ ଯାଉଛନ୍ତି। ଅଭିନେତା ସମ୍ପ୍ରତି ତାଙ୍କ ପତ୍ନୀ ଫାତିମା ଏବଂ ଝିଅ ଲାରାଙ୍କ ସହିତ ଏହି ଆଗାମୀ ଫିଲ୍ମର ପ୍ରମୋସନରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ, ବିଜୟ ଆଣ୍ଟୋନିଙ୍କ ପତ୍ନୀ ଫାତିମା ପ୍ରକାଶ କରିଥିଲେ ଯେ ତିନି ବର୍ଷ ପୂର୍ବେ ସେମାନଙ୍କ ବଡ଼ ଝିଅ ମୀରାଙ୍କ ମୃତ୍ୟୁ ସେମାନଙ୍କ ପରିବାର ଉପରେ ଗଭୀର ପ୍ରଭାବ ପକାଇଥିଲା। ଫାତିମା ପ୍ରକାଶ କରିଥିଲେ ଯେ ସଂଗୀତଜ୍ଞ, ଚଳଚ୍ଚିତ୍ର ନିର୍ମାତା ଏବଂ ଅଭିନେତା ବିଜୟ ଆଣ୍ଟୋନି ସେବେଠାରୁ ଜୋତା ପିନ୍ଧୁନାହାନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ସେ ଏବେ ବି ତାଙ୍କ ଝିଅ ମୀରାଙ୍କ ସ୍ମୃତିରେ ତାଙ୍କ ପୁରୁଣା ଘଣ୍ଟା ବ୍ୟବହାର କରନ୍ତି। ଆଣ୍ଟୋନିଙ୍କ ଫିଲ୍ମ 'ଆସ୍ପା କୁଟି' ଜଣେ ବାପା-ଝିଅଙ୍କ ସମ୍ପର୍କକୁ ନେଇ ଗତିଶୀଳ ହୋଇଛି। ଏହାର ରିଲିଜ୍ ପୂର୍ବରୁ ହୋଇଥିବା କାର୍ଯ୍ୟକ୍ରମରେ, ଫାତିମା ପ୍ରକାଶ କରିଥିଲେ ଯେ ୨୦୧୩ରେ ତାଙ୍କ ବଡ଼ ଝିଅ ମୀରାଙ୍କ ମୃତ୍ୟୁ ପରଠାରୁ ସେ କୌଣସି ଫିଲ୍ମ ଇଭେଣ୍ଟରେ ଯୋଗ ଦେଇ ନଥିଲେ। ସେ ପରେ ଆଣ୍ଟୋନିଙ୍କ ଜୋତା ପିନ୍ଧିବା ବନ୍ଦ କରିବାର ନିଷ୍ପତ୍ତି ବିଷୟରେ ଆଲୋଚନା କରି କହିଥିଲେ, 'ବର୍ଷ ବର୍ଷ ଧରି, ଆମେ ଲଣ୍ଡନ, ଆମେରିକା ଏବଂ ଅନ୍ୟ ସ୍ଥାନରୁ ମୀରାଙ୍କ ଅନେକ ଯୋଡ଼ା ଜୋତା କିଣିଛୁ। ଏପରି ଅନେକ ଯେ ଆମ ଘରର ଏକ କୋଠରୀ ସେଗୁଡ଼ିକରେ ପୂର୍ଣ୍ଣ ହୋଇଗଲା। ସେଗୁଡ଼ିକୁ ଦେଖି ବିଜୟ ଆଣ୍ଟୋନି ଜୋତା ପିନ୍ଧିବା ସମ୍ପୂର୍ଣ୍ଣ ଛାଡ଼ି ଦେଇଥିଲେ। ବର୍ତ୍ତମାନ, ସେ କେବଳ ବିଦେଶରେ ସ୍ୱତନ୍ତ୍ର କନସର୍ଟ ସମୟରେ ଜୋତା ପିନ୍ଧନ୍ତି। ଫାତିମା ଏହା ମଧ୍ୟ ପ୍ରକାଶ କରିଥିଲେ ଯେ ଅନେକ ମହଙ୍ଗା ଘଣ୍ଟା ଥିବା ସତ୍ତ୍ୱେ, ମୀରାଙ୍କ ମୃତ୍ୟୁ ପରଠାରୁ ଆଣ୍ଟୋନି ପ୍ରତିଦିନ ସମାନ ଘଣ୍ଟା ପିନ୍ଧନ୍ତି। ଏହି ଘଣ୍ଟା ତାଙ୍କ ଝିଅର ଥିଲା, ଏବଂ ଶେଷ ଥର ପାଇଁ ଯେତେବେଳେ ସେ ତାଙ୍କୁ ଦେଖିଥିଲେ, ଏହା ତାଙ୍କ ହାତ ପାପୁଲିରେ ଥିଲା। ସେ କହିଥିଲେ, 'ସେ ସେବେଠାରୁ ଏହାକୁ କାଢ଼ି ନାହାଁନ୍ତି।' ୧୯ ସେପ୍ଟେମ୍ବର, ୨୦୨୩ ରେ, ୧୬ ବର୍ଷୀୟା ମୀରାଙ୍କ ମୃତଦେହ ତାଙ୍କ ଚେନ୍ନାଇ ଘରୁ ମିଳିଥିଲା । ମୀରାଙ୍କ ମୃତ୍ୟୁର କିଛି ଦିନ ପରେ, ଆଣ୍ଟୋନି ଏକ ଭାବପୂର୍ଣ୍ଣ ବାର୍ତ୍ତାରେ ଲେଖିଥିଲେ ଯେ, 'ମୋ ଝିଅ ମୀରା ବହୁତ ସାହସୀ। ସେ ଏବେ ଏକ ଭଲ ଏବଂ ଶାନ୍ତିପୂର୍ଣ୍ଣ ସ୍ଥାନକୁ ଯାଇଛି, ଯେଉଁଠାରେ ଜାତି, ଧର୍ମ, ଟଙ୍କା, ଈର୍ଷା, ଯନ୍ତ୍ରଣା, ଦାରିଦ୍ର୍ୟ କିମ୍ବା ପ୍ରତିଶୋଧ ଭଳି କୌଣସି ଜିନିଷ ନାହିଁ। ସେ ଏବେ ବି ମୋ ସହିତ ଉଥା ହେଉଛନ୍ତି।' ସେ ଆହୁରି କହିଛନ୍ତି, 'ମୁଁ ମଧ୍ୟ ତାଙ୍କ ସହିତ ମରିଯାଇଛି। ଏବେ ମୁଁ ତାଙ୍କ ସହିତ ସମୟ ବିତାଇବା ଆରମ୍ଭ କରିଛି। ଭବିଷ୍ୟତରେ ମୁଁ ତାଙ୍କ ପକ୍ଷରୁ ଯାହା ବି ଭଲ କାମ କରିବି ତାହା ତାଙ୍କ ଦ୍ୱାରା ଆରମ୍ଭ କରାଯିବ।' ଅନ୍ୟପଟେ କହିବାକୁ ଗଲେ ମୁ ମାରାନଙ୍କ ନିର୍ଦ୍ଦେଶିତ 'ଆସ୍ପା କୁଟି' ଚଳଚ୍ଚିତ୍ରରେ ପ୍ରୀତି ଆସରାନୀଙ୍କ ମୁଖ୍ୟ ଭୂମିକା ରହିଛି।

ଛାଡ଼ପତ୍ର ନେବେ ସ୍ୱପ୍ନା



ହରିୟାଣାର ଲୋକପ୍ରିୟ ଡ୍ୟାନ୍ସର ତଥା ଗାୟିକା ସ୍ୱପ୍ନା ଚୌଧୁରୀଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ପ୍ରାୟ ୬ ବର୍ଷର ବୈବାହିକ ଜୀବନ ପରେ ସ୍ୱାମୀ ବୀର ସାହୁଙ୍କଠାରୁ ଅଲଗା ହେବାକୁ ସ୍ୱପ୍ନା ନିଷ୍ପତ୍ତି ନେଇଛନ୍ତି। ଏପରିକି ସେ ଛାଡ଼ପତ୍ର ପାଇଁ ଆବେଦନ କରିଥିବା ନେଇ ନିଜେ ଏକ ସାକ୍ଷାତକାରରେ ସ୍ପଷ୍ଟ କରିଛନ୍ତି। ଏହା ସହିତ ବିବାହ ପରେ କିପରି ନିଜର ପରିଚୟ ଓ କ୍ୟାରିୟରକୁ ପଛରେ ପକାଇ ଦେଇଥିଲେ, ସେ ସମ୍ପର୍କରେ ମଧ୍ୟ ମନ ଖୋଲି କହିଛନ୍ତି। ତାଙ୍କ କହିବା ଅନୁସାରେ, ସମ୍ପର୍କ ଭଲ ଥିବା ପର୍ଯ୍ୟନ୍ତ ଦୁହେଁ ଏକାଠି ଥିଲେ। କିନ୍ତୁ ଯେତେବେଳେ ସବୁକିଛି ଠିକ୍ ରହିଲା ନାହିଁ, ସେତେବେଳେ ଏକାଠି ରହିବା ସମ୍ଭବ ହେଲା ନାହିଁ। ଏହା ସେମାନଙ୍କ ଦୁହିଁଙ୍କ ମଧ୍ୟରେ ଥିବା ବ୍ୟକ୍ତିଗତ ବିଷୟ ଏବଂ ଏହାର ପ୍ରକୃତ କାରଣ କେବଳ ସେମାନେ ହିଁ ଜାଣିଛନ୍ତି ବୋଲି ସେ କହିଛନ୍ତି। ନିକଟରେ ଏକ ସାକ୍ଷାତକାରରେ ସ୍ୱପ୍ନା ଏସବୁ ବିଷୟରେ କହିଛନ୍ତି ,ସେ କହିଥିଲେ ବିଗ୍ ବସ୍‌ରୁ ବାହାରିବା ପରେ ତାଙ୍କ ଲୋକପ୍ରିୟତା ଖୁବ୍ ବଢ଼ିଥିଲା। ସେହି ସମୟରେ ସେ ବିବାହ କରିଥିଲେ। ଜଣେ ସ୍ତ୍ରୀ, ମାଆ ଓ ବୋହୂ ଭାବେ ସେ ନିଜ ଦାୟିତ୍ୱ ଠିକ୍ ଭାବରେ ତୁଲାଇଥିଲେ ,କିନ୍ତୁ ଏହି ସବୁ ଦାୟିତ୍ୱ ତୁଲାଇବା ଭିତରେ ସେ ନିଜକୁ ଭୁଲି ଯାଇଥିଲେ। ନିଜର ଇଚ୍ଛା, ଆକାଂକ୍ଷା ଓ କ୍ୟାରିୟରକୁ ଗୁରୁତ୍ୱ ଦେବା ବନ୍ଦ କରିଦେଇଥିଲେ। ଅନ୍ୟମାନଙ୍କ ସମ୍ପର୍କର ପରିଚୟ ଭିତରେ ନିଜର ସ୍ୱତନ୍ତ୍ର ପରିଚୟ ହଜିଯାଇଥିବା ସେ ଅନୁଭବ କରିଥିଲେ। ଏବେ ନିଜ ପାଇଁ ବଞ୍ଚିବା ଏବଂ ନିଜର ପରିଚୟକୁ ପୁଣିଥରେ ଗଢ଼ିବା ଉପରେ ସେ ଗୁରୁତ୍ୱ ଦେଉଥିବା କହିଛନ୍ତି। ସେ ଆହୁରି କହିଛନ୍ତି ପ୍ରେମ କେବଳ ଶାରୀରିକ ଆକର୍ଷଣ ନୁହେଁ। ପ୍ରେମ ଆତ୍ମା ସହ ଜଡ଼ିତ ଏବଂ ଏଥିରେ ଭାବନାର ଗଭୀରତା ରହିଛି। ମହିଳାମାନେ ସମ୍ପର୍କରେ ଅଧିକ ଭାବପ୍ରବଣ ହୋଇପଡ଼ନ୍ତି, ଅନ୍ୟପଟେ ପୁରୁଷମାନେ ସମ୍ପର୍କରେ ଆଗକୁ ବଦଳିଯାନ୍ତି ବୋଲି ସେ ମତ ଦେଇଛନ୍ତି। ସେହିପରି ସେ ପୁରୁଷଙ୍କ ପ୍ରେମରେ ବେଶୀ ପ୍ରତାରଣା ମିଳେ ବୋଲି କହିଥିବା ସୂଚନା ମିଳିଛି ,ତାଙ୍କର ଏଭଳି ଉତ୍ତର ସମ୍ପର୍କରେ ବିଶ୍ୱାସ ଓ ପ୍ରତାରଣାକୁ ନେଇ ତାଙ୍କ ଅସନ୍ତୋଷର ଆଲାସ ମିଳିଥିଲା।



ଶୀତଦିନେ ଫଟା ଗୋଇଠିର ଘରୋଇ ଉପଚାର



ଶୀତଦିନ ଆସିଲେ ଅନେକଙ୍କଠାରେ ତ୍ୱଚା ଶୁଷ୍କ ହେବା ସହ ଗୋଇଠି ଫାଟିବା ସମସ୍ୟା ଦେଖାଦିଏ। ବିଶେଷକରି ମହିଳା, ବୟସ୍କ ବ୍ୟକ୍ତି ଏବଂ ଅଧିକ ସମୟ ଠିଆ ହୋଇ କାମ କରୁଥିବା ଲୋକମାନେ ଏହି ସମସ୍ୟାର ଶିକାର ହୁଅନ୍ତି। ପ୍ରଥମେ ଗୋଇଠିର ଚର୍ମ ଶୁଷ୍କ ଓ ରୁକ୍ଷ ହୋଇଯାଏ। ପରେ ଏଥିରେ ଛୋଟ ଛୋଟ ଫାଟ ସୃଷ୍ଟି ହୋଇଥାଏ। ଠିକ୍ ସମୟରେ ଯତ୍ନ ନନେଲେ ଫାଟ ଗଭୀର ହୋଇ ଯନ୍ତ୍ରଣା ଓ ରକ୍ତସ୍ରାବ ମଧ୍ୟ ହୋଇପାରେ ଏହି ସମସ୍ୟାରୁ ରକ୍ଷା ପାଇବା ପାଇଁ ଜାଣନ୍ତୁ ଘରୋଇ ଉପଚାର

ଭେସଲିନ୍ ବାପେଟ୍ରୋଲିୟମଜେଲି: ରାତିରେ ଶୋଇବା ପୂର୍ବରୁ ପାଦକୁ ସଫା କରି ଶୁଖାନ୍ତୁ। ଗୋଇଠିରେ ଭେସଲିନ୍‌ର ଏକ ମୋଟା ସ୍ତର ଲଗାଇ ସୂତା ମୋଜା ପିନ୍ଧି ଶୁଅନ୍ତୁ। ଏହା ଚର୍ମର ଆର୍ଦ୍ରତା ବଜାୟ ରଖିବାରେ ସାହାଯ୍ୟ କରେ।

ନଡ଼ିଆ ତେଲ ବା ମଏଶ୍ଚରାଇଜିଂ କ୍ରିମ୍: ଗୋଡ଼ ଧୋଇବା ପରେ ହାଲୁକା ଓଦା ଚର୍ମରେ ନଡ଼ିଆ ତେଲ କିମ୍ବା ଘନ ମଏଶ୍ଚରାଇଜର୍ ଲଗାନ୍ତୁ । ଏହା ଶୁଷ୍କତା କମାଇବାରେ ସହାୟକ ହୋଇପାରେ।

ହାଲୁକା ଉଷୁମ ପାଣିରେ ଗୋଡ଼ ଧୁଅନ୍ତୁ: ଗୋଡ଼କୁ ହାଲୁକା ଉଷୁମ ପାଣିରେ ସଫା କରନ୍ତୁ। ଅତ୍ୟଧିକ ଗରମ ପାଣି ବ୍ୟବହାର କରନ୍ତୁ ନାହିଁ। ଧୋଇବା ପରେ ନରମ ତଉଲିଆରେ ଭଲ ଭାବରେ ଶୁଖାନ୍ତୁ।

ସୂତା ମୋଜା ବ୍ୟବହାର କରନ୍ତୁ: ଶୀତଦିନେ ପାଦକୁ ଥଣ୍ଡା ଓ ଶୁଷ୍କ ପରିବେଶରୁ ସୁରକ୍ଷା ଦେବା ପାଇଁ ସଫା, ଶୁଖିଲା ମୋଜା ପିନ୍ଧନ୍ତୁ। ରାତିରେ ମଏଶ୍ଚରାଇଜର୍ ଲଗାଇ ମୋଜା ପିନ୍ଧିବା ଭଲ ଅଭ୍ୟାସ।

ୟୁରିଆ ଯୁକ୍ତ ଫୁଟ୍ କ୍ରିମ୍: ଗୋଇଠିର ଚର୍ମ ଅଧିକ ମୋଟା ଓ ଶୁଷ୍କ ହୋଇଥିଲେ ୧୦–୨୫ ପ୍ରତିଶତ ୟୁରିଆ ଥିବା ଫୁଟ୍ କ୍ରିମ୍ ବ୍ୟବହାର କରିପାରିବେ। ଗଭୀର ଫାଟ ବା ଖୋଲା ଘା' ଉପରେ ଏହା ଲଗାଇବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

ଏଥିସହ ଦିନସାରା ପର୍ଯ୍ୟାପ୍ତ ପାଣି ପିଇବା, ଭିଟାମିନ୍ ଯୁକ୍ତ ଫଳ ଓ ପନିପରିବା ଖାଇବା ଏବଂ ଆରାମଦାୟକ ଜୋତା ପିନ୍ଧିବା ଆବଶ୍ୟକ। ଗୋଇଠିର ଫାଟିଥିବା ଚର୍ମକୁ ବ୍ଲେଡ୍ କିମ୍ବା ଧାରୁଆ ଜିନିଷରେ କାଟନ୍ତୁ ନାହିଁ। ଲେମ୍ବୁ କିମ୍ବା ବେକିଂ ସୋଡ଼ା ଲଗାଇବାରୁ ମଧ୍ୟ ଦୂରେଇ ରୁହନ୍ତୁ।

ଯଦି ଗୋଇଠିରେ ଗଭୀର ଫାଟ, ରକ୍ତସ୍ରାବ, ଫୁଲା କିମ୍ବା ସଂକ୍ରମଣ ଦେଖାଦିଏ, ତେବେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ବିଶେଷକରି ଡାଇବେଟିସ୍ ରୋଗୀମାନେ ପାଦର ଯତ୍ନ ନେବାରେ ଅଧିକ ସତର୍କ ରହିବା ଜରୁରୀ। ତେଣୁ ଶୀତଦିନେ ମୁହଁ ସହ ପାଦର ଯତ୍ନ ନେବାକୁ ମଧ୍ୟ ଭୁଲନ୍ତୁ ନାହିଁ।

ସାହିବାଙ୍କୁ ଡେଟ୍ କରୁଛନ୍ତି ଅର୍ଜୁନ

ବଲିଉଡରେ ପୁଣି ଏକ ନୂଆ ଲଭ୍ ଷ୍ଟୋରୀକୁ ନେଇ ଚର୍ଚ୍ଚା। ଅଭିନେତା ଅର୍ଜୁନ କପୁରଙ୍କ ଜୀବନରେ ଆଉ ଜଣଙ୍କ ଏଣ୍ଟ୍ରି ହୋଇଛି। ଅଭିନେତ୍ରୀ ତଥା କଣ୍ଟେଣ୍ଟ କ୍ରିଏଟର ସାହିବା ବାଲିଙ୍କ ସହ ତାଙ୍କ ନାଁ ଯୋଡ଼ା ହେବା ପରେ ଏବେ ଏହି ପ୍ରଶ୍ନକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଗୁରୁପର୍ବରେ ଉଭୟଙ୍କ ଏକ ସେଲଫି ଏବଂ ସାହିବାଙ୍କ ମଜାଦାର କ୍ୟାପସନ୍ ଏବେ ଚର୍ଚ୍ଚାରେ। ନଭେମ୍ବର ୨୪ରେ ଗୁରୁପର୍ବ ଅବସରରେ ସାହିବା ଇନଷ୍ଟାଗ୍ରାମ ଷ୍ଟୋରୀରେ ଅର୍ଜୁନ କପୁରଙ୍କ ସହ ଏକ ସେଲଫି ଶେୟାର କରିଥିଲେ। ଉଭୟ ମୁଣ୍ଡରେ କପଡ଼ା ଘୋଡ଼ାଇ ଏକାଠି ପୋଜ୍ ଦେଇଥିଲେ। ଫଟୋ ସହ ସାହିବା ଲେଖିଥିଲେ, 'ମୁଁ ତାଙ୍କ ଅଧା ପ୍ରସାଦ ବି ଖାଇଦେଲି। ହାପି ଗୁରୁପର୍ବ। ଏହି କ୍ୟାପସନ୍ ପରେ ସୋସିଆଲ ମିଡିଆରେ ଆରମ୍ଭ ହୋଇଯାଇଛି ଚର୍ଚ୍ଚା। ଉଭୟଙ୍କ ମଧ୍ୟରେ କେବଳ ବନ୍ଧୁତା ନା ଏହାଠାରୁ ଆହୁରି କିଛି ଅଧିକ କିଛି ଅଛି। ତାକୁ ନେଇ ପ୍ରଶଂସକଙ୍କ ମନରେ ଉଠିଛି ପ୍ରଶ୍ନ। କିଛି ୟୁଜର୍ସ ଏହାକୁ ଉଭୟଙ୍କ ସମ୍ପର୍କର ପ୍ରଥମ ସାର୍ବଜନୀନ ଇଙ୍ଗିତ ବୋଲି କହୁଛନ୍ତି। ହେଲେ ଏପର୍ଯ୍ୟନ୍ତ ଉଭୟଙ୍କ ପକ୍ଷରୁ ଡେଟିଂ ଖବରକୁ ନେଇ କୌଣସି ସ୍ପଷ୍ଟୀକରଣ ଆସିନାହିଁ। ଅର୍ଜୁନ ଓ ସାହିବାଙ୍କ ନିକଟତାକୁ ନେଇ ପ୍ରଥମେ ଜୁଲାଇ ମାସରେ ଚର୍ଚ୍ଚା ହୋଇଥିଲା। ଲଣ୍ଡନର ପ୍ରସିଦ୍ଧ ଲର୍ଡସ୍ କ୍ରିକେଟ୍ ଗ୍ରାଉଣ୍ଡରେ ଭାରତ-ଇଂଲଣ୍ଡ ତୃତୀୟ ଦିନିକିଆ ମ୍ୟାଚ୍ ଦେଖିବାକୁ ଉଭୟ ଏକାଠି ପହଞ୍ଚିଥିଲେ। ଜୁଲାଇ ୧୯ରେ ଖେଳାଯାଇଥିବା ଏହି ମ୍ୟାଚ୍ରେ ଉଭୟଙ୍କୁ ପାଖାପାଖି ବସିଥିବା ଦେଖିବାକୁ ମିଳିଥିଲା। ଉଭୟଙ୍କ ପୋଷାକର ରଙ୍ଗ ମଧ୍ୟ ସମାନ ଥିଲା। ଏହାର ଫଟୋ ଓ ଭିଡିଓ ଭାଇରାଲ ହେବା ପରେ ଡେଟିଂ ଚର୍ଚ୍ଚା ଆରମ୍ଭ ହୋଇଥିଲା। ଅର୍ଜୁନଙ୍କ ଜନ୍ମଦିନରେ ସାହିବାଙ୍କ ପୋଷ୍ଟ ଖୁବ୍ ଚର୍ଚ୍ଚାକୁ ଆସିଥିଲା। ଅର୍ଜୁନ ଫଟୋ ସେୟାର କରି ତାଙ୍କୁ 'ସମସ୍ତଙ୍କର ଦେଷ୍ଟ ଫ୍ରେଣ୍ଡ୍' ଦୋଲି କହିଥିଲେ। ଏହା ସହ ଓଜନ କମାଇବା ବନ୍ଦ କରି କେକ୍ ଖାଇବାକୁ ମଜାଳିଆ ଢଙ୍ଗରେ ପରାମର୍ଶ ଦେଇଥିଲେ। ଏହାର ଜବାବରେ ଅର୍ଜୁନ ମଧ୍ୟ ତାଙ୍କ ସହ ଯୋଗ ଦେବାକୁ ଅପେକ୍ଷା କରିଥିବା ଲେଖିଥିଲେ। କହିବାକୁ ଗଲେ ଅର୍ଜୁନ ପୂର୍ବରୁ ଅଭିନେତ୍ରୀ ମଲାଇକା ଆରୋରାଙ୍କ ସହ ପ୍ରାୟ ୬ ବର୍ଷ ଧରି ସମ୍ପର୍କରେ ଥିଲେ। ୨୦୧୮ରେ ଉଭୟ ନିଜ ସମ୍ପର୍କକୁ ସାର୍ବଜନୀନ କରିଥିଲେ। ତେବେ ୨୦୨୪ରେ ଉଭୟଙ୍କ ବ୍ରେକ୍‌ଅପ୍ ଖବର ସାମ୍ନାକୁ ଆସିଥିଲା।

ଉତ୍କଳ ସମାଗୁରୁ

ସମ୍ପାଦକୀୟ...

ଶନିବାର ୨୮ ନଭେମ୍ବର ୨୦୨୭

ଗଣତନ୍ତ୍ରର ଆତ୍ମା

ଭାରତୀୟ ସମ୍ବିଧାନ କେବଳ ଏକ ଆଇନଗତ ଦସ୍ତାବିଜ ନୁହେଁ, ଏହା ଆମ ଗଣତନ୍ତ୍ରର ଆତ୍ମା, ଜାତୀୟ ଏକତାର ଆଧାର, ନାଗରିକଙ୍କ ଅଧିକାରର ସୁରକ୍ଷା ଜବତ ଏବଂ ଏକ ସମାନତାଭିତ୍ତିକ ସମାଜ ଗଠନର ମହାନ ସଂକଳ୍ପ । ଏହା ଆମକୁ କେବଳ ଶାସନ ବ୍ୟବସ୍ଥାର ରୂପରେଖ ଦେଇନାହିଁ, ବରଂ ଏକ ଦେଶର ନାଗରିକ ଭାବେ କିପରି ବଞ୍ଚିବା, ପରସ୍ପରକୁ ସମ୍ମାନ ଦେବା ଏବଂ ଦେଶର ସାମୂହିକ ଉନ୍ନତି ପାଇଁ କାର୍ଯ୍ୟ କରିବା, ତାହାର ବିସ୍ତୃତ ନିର୍ଦ୍ଦେଶ ମଧ୍ୟ ଦେଇଛି । ୧୯୪୯ ନଭେମ୍ବର ୨୬ ତାରିଖରେ ସମ୍ବିଧାନ ସଭା ଭାରତୀୟ ସମ୍ବିଧାନକୁ ଗ୍ରହଣ କରିଥିଲା ଏବଂ ୧୯୫୦ ଜାନୁଆରି ୨୬ ତାରିଖରୁ ଏହା କାର୍ଯ୍ୟକାରୀ ହୋଇଥିଲା । ଏହି ଐତିହାସିକ ଘଟଣାଟି ତାରିଖ ଭାରତର ଗଣତାନ୍ତ୍ରିକ ଯାତ୍ରାର ଦୁଇଟି ମହତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ଡକ୍ଟର ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ପ୍ରଣୟନ ସମିତି ଏବଂ ସମ୍ବିଧାନ ସଭାର ଅନ୍ୟ ସଦସ୍ୟମାନଙ୍କ ଅକ୍ଲାନ୍ତ ପରିଶ୍ରମ, ଦୂରଦୃଷ୍ଟି ଓ ଗଭୀର ବିଚାରବିମର୍ଶର ଫଳ ହେଉଛି ଆଜିର ଏହି ମହାନ ସମ୍ବିଧାନ । ତେଣୁ ସମ୍ବିଧାନ ଦିବସ କେବଳ ଏକ ସ୍ମରଣୀୟ ଦିବସ ନୁହଁ, ଏହା ଆମର ଅଧିକାର, କର୍ତ୍ତବ୍ୟ ଓ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ପୁନର୍ବାର ମନେ ପକାଇବାର ଏକ ଜାତୀୟ ଅବସର । ଭାରତୀୟ ସମ୍ବିଧାନର ପ୍ରସ୍ତାବନାରେ ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱର ଯେଉଁ ମହାନ ଆଦର୍ଶ ଘୋଷଣା କରାଯାଇଛି, ସେଗୁଡ଼ିକ କେବଳ ପୁସ୍ତକର ପୃଷ୍ଠାରେ ସୀମିତ ରହିବା ଉଚିତ ନୁହେଁ । ସେଗୁଡ଼ିକ ପ୍ରତ୍ୟେକ ନାଗରିକଙ୍କ ଜୀବନରେ ପ୍ରତିଫଳିତ ହେବା ଆବଶ୍ୟକ । ଜାତି, ଧର୍ମ, ଭାଷା, ଅଞ୍ଚଳ, ଲିଙ୍ଗ ଓ ଆର୍ଥିକ ସ୍ଥିତି ଆଧାରରେ କାହାରି ପ୍ରତି ଭେଦଭାବ ନ ହେବା ହିଁ ସମ୍ବିଧାନର ମୂଳ ଚେତନା । କିନ୍ତୁ ଆଜି ମଧ୍ୟ ସମାଜରେ ଜାତିଗତ ବିଭେଦ, ଅଶ୍ପୃଶ୍ୟତା, ନାରୀ ନିର୍ଯାତନା, ଧର୍ମୀୟ ଅସହିଷ୍ଣୁତା, ଆର୍ଥିକ ଅସମାନତା ଓ ସାମାଜିକ ଅନ୍ୟାୟ ଭଳି ସମସ୍ୟା ରହିଛି । ଏହା ଆମକୁ ଚିନ୍ତା କରିବାକୁ ବାଧ କରେ ଯେ, ସମ୍ବିଧାନର ମହାନ ଆଦର୍ଶକୁ ଆମେ ପ୍ରକୃତ ଜୀବନରେ କେତେଦୂର କାର୍ଯ୍ୟକାରୀ କରିପାରିଛୁ । କେବଳ ସମ୍ବିଧାନର ଗୁଣଗାନ କଲେ ଏହାର ମର୍ଯ୍ୟାଦା ରକ୍ଷା ହୁଏନାହିଁ; ଏହାର ମୂଲ୍ୟବୋଧକୁ ଆଚରଣରେ ପ୍ରତିଷ୍ଠା କରିବା ହିଁ ପ୍ରକୃତ ସମ୍ମାନ । ଗଣତନ୍ତ୍ରର ସଫଳତା କେବଳ ନିର୍ବାଚନ, ସରକାର ଗଠନ କିମ୍ବା କ୍ଷମତା ହସ୍ତାନ୍ତରରେ ସୀମିତ ନୁହେଁ । ଏହାର ପ୍ରକୃତ ସଫଳତା ନିର୍ଭର କରେ ନାଗରିକଙ୍କ ସ୍ୱାଧୀନତା, ନ୍ୟାୟପାଇଁକାର ସ୍ୱାଧୀନତା, ବିଧାନମଣ୍ଡଳର ଉତରଦାୟିତ୍ୱ, କାର୍ଯ୍ୟପାଳିକାର ସ୍ୱଚ୍ଛତା ଏବଂ ଆଇନର ଶାସନ ଉପରେ । ଗଣତନ୍ତ୍ରରେ ସରକାର ଜନସାଧାରଣଙ୍କ ପାଇଁ, ଜନସାଧାରଣଙ୍କ ଦ୍ୱାରା ଏବଂ ଜନସାଧାରଣଙ୍କ ମତରେ ପରିଚାଳିତ ହୁଏ । ତେଣୁ କ୍ଷମତାରେ ଥିବା ବ୍ୟକ୍ତି ହୁଅନ୍ତୁ କିମ୍ବା ସାଧାରଣ ନାଗରିକ, ସମ୍ବିଧାନ ଓ ଆଇନ ସମସ୍ତଙ୍କ ପାଇଁ ସମାନ । କୌଣସି ବ୍ୟକ୍ତି, ପଦବୀ କିମ୍ବା ସଂସ୍ଥା ସମ୍ବିଧାନଠାରୁ ଉପରେ ନୁହେଁ । ଏହି ସତ୍ୟକୁ ଭୁଲିଗଲେ ଗଣତନ୍ତ୍ରର ମୂଳଦୁଆ ଦୁର୍ବଳ ହୋଇପଡ଼ିବ । ଆଜିର ସମୟରେ ସମ୍ବିଧାନର ସୁରକ୍ଷା କଥା କହିବାବେଳେ ନାଗରିକଙ୍କ ମୌଳିକ ଅଧିକାର ସହିତ ମୌଳିକ କର୍ତ୍ତବ୍ୟ ମଧ୍ୟ ସମାନ ଗୁରୁତ୍ୱ ଦେବା ଆବଶ୍ୟକ । ସମ୍ବିଧାନ ଆମକୁ ମତପ୍ରକାଶର ସ୍ୱାଧୀନତା ଦେଇଛି, କିନ୍ତୁ ସେହି ସ୍ୱାଧୀନତାର ଅର୍ଥ ଅନ୍ୟକୁ ଅପମାନିତ କରିବା, ଘୃଣା ପ୍ରଚାର କରିବା କିମ୍ବା ସମାଜରେ ଅଶାନ୍ତି ସୃଷ୍ଟି କରିବା ନୁହେଁ । ନିଜର ମତ ରଖିବା ସହିତ ଅନ୍ୟର ମତକୁ ସମ୍ମାନ କରିବା ମଧ୍ୟ ଗଣତାନ୍ତ୍ରିକ ସଂସ୍କୃତିର ଅବିଚ୍ଛେଦ୍ୟ ଅଂଶ । ମତଭେଦ ଗଣତନ୍ତ୍ରର ଦୁର୍ବଳତା ନୁହେଁ; ବରଂ ଯୁକ୍ତି, ଆଲୋଚନା ଓ ସହିଷ୍ଣୁତା ମାଧ୍ୟମରେ ମତଭେଦର ସମାଧାନ କରିବା ହିଁ ଗଣତନ୍ତ୍ରର ଶକ୍ତି । ସେହିପରି ସମ୍ବିଧାନ ପ୍ରତ୍ୟେକ ନାଗରିକଙ୍କୁ ଦେଶର ସାର୍ବଭୌମତ୍ୱ, ଏକତା ଓ ଅଖଣ୍ଡତା ରକ୍ଷା କରିବା, ସାର୍ବଜନୀନ ସମ୍ପତ୍ତିର ସୁରକ୍ଷା କରିବା, ବୈଜ୍ଞାନିକ ମନୋଭାବ ବିକଶିତ କରିବା, ଛାତ୍ରତ୍ୱକୁ ବଢ଼ାଇବା ଏବଂ ଦେଶର ଉନ୍ନତି ପାଇଁ ଅବଦାନ ଦେବାର କର୍ତ୍ତବ୍ୟ ମଧ୍ୟ ସ୍ମରଣ କରାଏ । ଆଜି ଦୁର୍ନୀତି, ଅନ୍ୟାୟ, ପ୍ରଶାସନିକ ଅବହେଳା, ନିର୍ବାଚନ ଅନିୟମିତତା ଓ ଆଇନର ଦୁରୁପଯୋଗ ଭଳି ଅଭିଯୋଗ ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ ଆହ୍ୱାନ ସୃଷ୍ଟି କରୁଛି । ଏହାର ସମାଧାନ ପାଇଁ ଦୃଢ଼ ଆଇନ ପ୍ରଣୟନ ସହିତ ତାହାର ନିରପେକ୍ଷ କାର୍ଯ୍ୟକାରିତା ଅତ୍ୟନ୍ତ ଜରୁରୀ । ଆଇନ କେବଳ ଦୁର୍ବଳଙ୍କ ପାଇଁ କଠୋର ଏବଂ ପ୍ରଭାବଶାଳୀଙ୍କ ପାଇଁ ନମନୀୟ ହେଲେ ନ୍ୟାୟ ବ୍ୟବସ୍ଥା ଉପରୁ ଲୋକଙ୍କ ଆସ୍ଥା ହ୍ରାସ ପାଇବ । ନ୍ୟାୟ ପ୍ରଦାନରେ ବିଳମ୍ବ, ମାମଲାର ବାର୍ଘସ୍ପର୍ଶତା ଓ ସାଧାରଣ ଲୋକଙ୍କ ପାଇଁ ନ୍ୟାୟ ପ୍ରାପ୍ତିର ଅସୁବିଧା ଦୂର କରିବା ମଧ୍ୟ ସମ୍ବିଧାନର ନ୍ୟାୟଭିତ୍ତିକ ଲକ୍ଷ୍ୟ ପୂରଣ ପାଇଁ ଅପରିହାର୍ଯ୍ୟ । ଗରିବ, ଶ୍ରମିକ, କୃଷକ, ମହିଳା, ଶିଶୁ, ବିଦ୍ୟାଙ୍ଗ ଓ ସମାଜର ଅବହେଳିତ ବର୍ଗଙ୍କୁ ସମାନ ସୁଯୋଗ ଓ ନ୍ୟାୟ ମିଳିଲେ ହିଁ ସମ୍ବିଧାନର ସାମାଜିକ ନ୍ୟାୟର ସ୍ୱପ୍ନ ସାକାର ହୋଇପାରିବ । ଶିକ୍ଷା ଏ କ୍ଷେତ୍ରରେ ସବୁଠାରୁ ବଡ଼ ଅସ୍ତ୍ର । ପ୍ରତ୍ୟେକ ଶିଶୁଙ୍କୁ ଗୁଣାତ୍ମକ ଶିକ୍ଷା, ପ୍ରତ୍ୟେକ ଯୁବକଙ୍କୁ ରୋଜଗାରର ସୁଯୋଗ ଏବଂ ପ୍ରତ୍ୟେକ ନାଗରିକଙ୍କୁ ସମ୍ମାନର ସହ ବଞ୍ଚିବାର ପରିବେଶ ଯୋଗାଇବା ରାଷ୍ଟ୍ରର ପ୍ରମୁଖ ଦାୟିତ୍ୱ । ସମ୍ବିଧାନ ସମ୍ପର୍କରେ ସଚେତନତା କେବଳ ବିଦ୍ୟାଳୟ, ମହାବିଦ୍ୟାଳୟ କିମ୍ବା ସରକାରୀ କାର୍ଯ୍ୟକ୍ରମରେ ସୀମିତ ରହିବା ଉଚିତ ନୁହେଁ । ଗାଁରୁ ସହର, ପରିବାରରୁ ଶିକ୍ଷାନୁଷ୍ଠାନ, ପଚାୟତରୁ ସଂସଦ ପର୍ଯ୍ୟନ୍ତ ସମ୍ବିଧାନର ମୂଲ୍ୟବୋଧ ପହଞ୍ଚିବା ଦରକାର । ଯୁବପିଢ଼ି ସମ୍ବିଧାନର ପ୍ରସ୍ତାବନା, ମୌଳିକ ଅଧିକାର, ମୌଳିକ କର୍ତ୍ତବ୍ୟ ଓ ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକର ଭୂମିକା ସମ୍ପର୍କରେ ଜ୍ଞାନ ଆହରଣ କରିବା ଉଚିତ । ସାମାଜିକ ଗଣମାଧ୍ୟମରେ ମିଥ୍ୟା ଖବର, ଭ୍ରାନ୍ତ ସୂଚନା ଓ ଘୃଣାମୂଳକ ପ୍ରଚାରରୁ ଦୂରେଇ ରହିବା ମଧ୍ୟ ଆଜିର ନାଗରିକଙ୍କ ଏକ ବଡ଼ ଦାୟିତ୍ୱ । ସଚେତନ ନାଗରିକ ହିଁ ସୁସ୍ଥ ଗଣତନ୍ତ୍ରର ପ୍ରକୃତ ଶକ୍ତି । ଗଣମାଧ୍ୟମର ଭୂମିକା ମଧ୍ୟ ଏ କ୍ଷେତ୍ରରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସତ୍ୟ ଓ ନିରପେକ୍ଷ ସମ୍ବାଦ ପରିବେଷଣ, ଜନସ୍ୱାର୍ଥ ସମ୍ପର୍କିତ ପ୍ରସଙ୍ଗ ଉଠାଇବା, ଶାସନ ବ୍ୟବସ୍ଥାର ତ୍ରୁଟିକୁ ନିର୍ଭୀକ ଭାବେ ପ୍ରକାଶ କରିବା ଏବଂ ଲୋକଙ୍କୁ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ କରିବା ଗଣମାଧ୍ୟମର ଗଣତାନ୍ତ୍ରିକ ଦାୟିତ୍ୱ । ତେବେ ଏହି ଦାୟିତ୍ୱ ପାଳନ ସମୟରେ ତଥ୍ୟର ସତ୍ୟତା, ଭାଷାର ସଂଯମ ଓ ନିରପେକ୍ଷତା ରକ୍ଷା କରିବା ଅତ୍ୟାବଶ୍ୟକ । ଆମେ ମନେ ରଖିବା ଦରକାର, ସମ୍ବିଧାନ କୌଣସି ଗୋଟିଏ ଦଳ, ଧର୍ମ, ଜାତି କିମ୍ବା ବର୍ଗର ସମ୍ପତ୍ତି ନୁହେଁ; ଏହା ସମଗ୍ର ଭାରତବାସୀଙ୍କର ଏକ ଅମୂଲ୍ୟ ଜାତୀୟ ସମ୍ପଦ । ଏହାର ସୁରକ୍ଷା କୌଣସି ଗୋଟିଏ ସଂସ୍ଥା କିମ୍ବା ସରକାରଙ୍କ ଦାୟିତ୍ୱ ମାତ୍ର ନୁହେଁ, ଏହା ପ୍ରତ୍ୟେକ ନାଗରିକଙ୍କ ସାମୂହିକ ଦାୟିତ୍ୱ । ଆମର ଅଧିକାର ପ୍ରତି ସଚେତନ ହେବା ସହିତ ଅନ୍ୟର ଅଧିକାରକୁ ସମ୍ମାନ ଦେବା, ଆଇନ ପାଳନ କରିବା, ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବା ।

ଧୈର୍ଯ୍ୟର ସଫଳ ମଧୁର

ମଣିଷର ଦୈନନ୍ଦିନ ଜୀବନରେ 'ଧୈର୍ଯ୍ୟ'ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏ ଏପରି ଗୋଟେ ବିଦ୍ୟୁତ୍ସମ ଯାହା ଆମକୁ ଶୃଙ୍ଖଳିତ କରିବ, ଆମ ମନକୁ ସ୍ଥିର, ସବିବେଚନା ରଖିବ ଓ ଆମକୁ ଏଂଜାର ହୋଇ ଅର୍ଥ, କ୍ଷମତା, ପୁରସ୍କାର, ମାନପତ୍ର ଇତ୍ୟାଦିର ଅର୍ଜନ ପାଇଁ ସତ୍ ମାର୍ଗଟିଏ ନିର୍ଦ୍ଦେଶ କରିବ, କର୍ମଜୀପ ବା ଲକ୍ଷ୍ୟ ପୂରଣରେ ଦିଙ୍ଗଇ ହେତୁ ନିରାଶ ନହୋଇ ଜୀବନ-ସଂଗ୍ରାମରେ ଅବତୀର୍ଣ୍ଣ ହେବାକୁ ପ୍ରେରଣା ଦାନ କରିବ । ଗ୍ରୀସ୍ର ବାର୍ଣ୍ଣନିକ ଆରିଷ୍ଟୋଟଲ୍ ସେଥିପାଇଁ କହିଛେ 'ଧୈର୍ଯ୍ୟ ପିତା ଲାଗିପାରେ, କିନ୍ତୁ ତା'ର ଫଳ କେତେ ମଧୁର' । ଇଂଲଣ୍ଡର ନାଟ୍ୟକାର ଜର୍ଜ ବର୍ଣ୍ଣାଡ ଶ'ଙ୍କ ଭାଷାରେ 'ଦୁଇଟି ଗୁଣ ତୁମର ପରିଚୟ : ତୁମର 'ଧୈର୍ଯ୍ୟ' ଯେତେବେଳେ ତୁମ ପାଖରେ କିଛି ନାହିଁ ଓ ତୁମର 'ମନୋବୃଦ୍ଧି' ଯେତେବେଳେ ତୁମ ପାଖରେ ସବୁ ଅଛି ।' ସମସ୍ତ ପ୍ରଶଂସନୀୟ ମାନବୀୟ ଲକ୍ଷଣ ଧୈର୍ଯ୍ୟରୁ ଉତ୍ପନ୍ନ ହୁଏ । ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ମାନବୀୟ ଗୁଣ ହେଉଛି ଧୈର୍ଯ୍ୟ । ସମସ୍ତ ଧର୍ମଗ୍ରନ୍ଥ ଧୈର୍ଯ୍ୟର ଗୁରୁତ୍ୱକୁ ସ୍ୱୀକୃତ ଓ ନିଃସନ୍ଦେହ ଭାବରେ ପ୍ରଶଂସା କରିଛନ୍ତି । କୋରାନରେ ଉଲ୍ଲେଖ ଅଛି, 'ଇନ୍ନାଲ୍ଲାହା ମା ଅସ୍ ସବିରିନ୍', ଅର୍ଥାତ୍ ଈଶ୍ୱର ସେମାନଙ୍କ ସହିତ ଥାଆନ୍ତି, ଯେଉଁମାନଙ୍କର ଧୈର୍ଯ୍ୟ ଥାଏ । ଇଂରାଜୀ କବି ଜନ୍ ମିଲ୍ଟନ୍ 'ଅନ୍ ହିଜ୍ ବ୍ଲାଣ୍ଡନେସ୍' କବିତାରେ ଲେଖିଛନ୍ତି 'ସେମାନେ ମଧ୍ୟ ସେବା କରନ୍ତି ଯେଉଁମାନେ କେବଳ ଠିଆହୋଇ ପ୍ରତୀକ୍ଷା କରନ୍ତି ।' ପ୍ରତୀକ୍ଷା କରିବା ଯେଉଁଶୀଳ ମଣିଷର ଲକ୍ଷଣ । ଯେଉଁ ଧାରଣ କରିବାର ଅର୍ଥ ଗୋଟେ ଦିବ୍ୟ ଭାବନା, ଜ୍ଞାନ ବା ବୋଧକୁ ଧାରଣ କରିବା । ଆମେ ବାରବାର କୁପିତ, କ୍ଷୁବ୍ଧ ହେଉ ଏବଂ ନିଜକୁ ଓ ଆମ ଚାରିପଟର ଲୋକଙ୍କୁ ଧିକ୍କାର କରୁ ଯେତେବେଳେ ଟ୍ରାଫିଗୁଡି ବନ୍ଦ୍, ପ୍ରତିକ୍ଷୁବ୍ଧ ହୁଏ । କିନ୍ତୁ ଆମେ ପ୍ରକୃତିର ଚିରସ୍ଥାୟୀ ନିୟମକୁ ଭୁଲିଯାଉ ଯେ, ଜଣେ ଶେଷରେ ସବୁ ପାଇବ ଯବି ତା'ର ଧୈର୍ଯ୍ୟ ଥାଏ । ଯେତେବେଳେ ଯୁବକ ଆଲେକଜାଣ୍ଡର ପ୍ରାଚ୍ୟ ଭୂଖଣ୍ଡ ଭାରତକୁ ଜୟ କରିବାକୁ ଯୋଜନା କଲେ, ଜଣେ ବୁଦ୍ଧିମାନ ବନ୍ଧୁ ତାକୁ ପରାମର୍ଶ ଦେଲେ 'ଧୈର୍ଯ୍ୟ ଧର । ଗୋଟେ ଲ୍ଯାନ୍ତ ସେନାବାହିନୀକୁ ନେଇ ସୁଦୂର ପ୍ରାଚ୍ୟକୁ ଯିବାକୁ ବିରତ ହୁଅ । ତୁମର ପ୍ରାଚ୍ୟକୁ ଜୟ କରିବାର ସମୟ ଆସିବ । ସେପର୍ଯ୍ୟନ୍ତ ଧୈର୍ଯ୍ୟ ଧର' । ତଥାପି ଯୁବକ ଓ ଦେପରବାୟ ଆଲେକଜାଣ୍ଡର ବନ୍ଧୁଙ୍କର ପରାମର୍ଶ ଶୁଣିଲେନାହିଁ ଓ ଶେଷରେ ଭାରତରେ ପହଞ୍ଚିଲେ । କିନ୍ତୁ ତାକୁ ଗ୍ରୀସ୍କୁ ଫେରିଯିବାକୁ ହେଲା । ନିରାଶ ହୋଇ ସେ ପଥ ମଧ୍ୟରେ ପ୍ରାଣତ୍ୟାଗ କଲେ । ଯବି ଆଲେକଜାଣ୍ଡର ଜିତିବ ଧୈର୍ଯ୍ୟ ଧରିଥାଆନ୍ତେ, ତେବେ ପ୍ରାଚ୍ୟର ଇତିହାସ ଭିନ୍ନ ପ୍ରକାରର ହୋଇଥାଆନ୍ତା । ଷଟଲ୍ୟାଣ୍ଡର ବୈଜ୍ଞାନିକ ଆଲେକଜାଣ୍ଡର ଫ୍ଲେମିଂ, ଯିଏ ୧୯୨୮ ମସିହାରେ ପେନିସିଲିନ୍ ଉଦ୍ଭାବନ କଲେ, ତାଙ୍କର ଆତ୍ମତତିରେ ଲେଖିଛନ୍ତି ଯେ ଅନନ୍ତ ଧୈର୍ଯ୍ୟ କରେ ଯେ ଶେଷରେ ସର୍ବରୋଗହର ଔଷଧ ଉଦ୍ଭାବନ କଲେ, ଯାହା ନିୟତ ନିୟତ ଜୀବନକୁ ବଚାଇପାରିଛା । ଗୋଟେ ବିଷହର ଔଷଧ, ଯାହା ଡାନିଉବିନ ହେବ ତାକୁ ଉଦ୍ଭାବନ କରିବା ପୂର୍ବରୁ ସେ ପାଖାପାଖି ୫ଶହ ଥର ବିଫଳ ହୋଇଥିଲେ । ଜଣେ ବିଜ୍ଞାନୀ ଭାବରେ ଜର୍ମାନ ଜୀବନ ଆରମ୍ଭ କରିଥିବା ମାଇକେଲ୍ ଫାରାଡ଼େ ବୈଜ୍ଞାନିକ ହୋଇପାରିଲେ ଓ ଅସୀମ ଧୈର୍ଯ୍ୟର ସହିତ ଗବେଷଣା କରି 'ଇଲେକ୍ଟ୍ରୋଲିସିସ୍ ଅଫ୍ ୱାଟର' 'ଇଲେକ୍ଟ୍ରୋମ୍ୟାଗ୍ନେଟିକ୍ ଇଣ୍ଡକ୍ସନ୍' ଭଳି ଅଭିନବ ତତ୍ତ୍ୱ ଉଦ୍ଭାବନ କରିପାରିଲେ । ଲୁଇ ପାଶ୍ଚର ଓ ଟମାସ୍ ଆଲ୍ୱା ଏଡିସନ୍ ଗବେଷଣାକୁ ଜେବରେହର ଭଏଗ କରିନଥିଲେ । ସେମାନେ ଧୈର୍ଯ୍ୟର ସହିତ ଅପେକ୍ଷା କରିଥିଲେ ସର୍ବଜନବିଦିତ ସେହି 'ଥୁରେକା' (ମୁଁ ପାଇଗଲି) ମୁହୂର୍ତ୍ତକୁ, ଯେତେବେଳେ ସେମାନେ କିଛି ଗୋଟେ ନୂଆ ଉଦ୍ଭାବନ କରିବେ, ଯାହା ମାନବ ଜାତିର ସାମୂହିକ ଭାଗ୍ୟକୁ ବଦଳାଇଦେବ । ରବୀନ୍ଦ୍ରନାଥ ଠାକୁର ଯବି ଧୈର୍ଯ୍ୟ ହରାଇଥାଆନ୍ତେ ଓ ଲେଖାଲେଖି ବନ୍ଦ କରିଦେଇଥାଆନ୍ତେ, ଯେତେବେଳେ କେହି କେହି ତାଙ୍କ ଉଦ୍ଦେଶ୍ୟରେ ମନ୍ତବ୍ୟ ଦେବାକୁ ଆରମ୍ଭ କଲେ ଯେ ସେ ନୂଆ କିଛି ସାର୍ଥକ, ଉପଯୁକ୍ତ ସୃଷ୍ଟି କରୁନାହାନ୍ତି, ତେବେ ପୃଥିବୀ 'ଗୀତାଞ୍ଜଳି' ଓ ତା'ର ୧୦୩ଟି ଉତ୍ତାର, ଭତ୍କୃଷ୍ଟ, ବିଶ୍ୱିଖ୍ୟ କବିତାକୁ ଜେବରେହର ପାଇପାରିନଥାନ୍ତା । ତାଙ୍କର ତତ୍ତ୍ୱଭାର ସତ୍ତ୍ୱେତ୍ତ୍ୱ ତାକୁ ପରାମର୍ଶ ଦେଲେ 'ଜାରି ରଖ, ଆଉକୁ ବଢ଼ । ଧୈର୍ଯ୍ୟ ନହରାଇ ଛନ୍ଦ କବିତା ଲେଖ । ରବୀନ୍ଦ୍ରନାଥ ଲେଖିବାଲିେ ଓ ପରବର୍ତ୍ତୀ ସମୟରେ ସାହିତ୍ୟରେ ନୋବେଲ ପୁରସ୍କାର ପାଇଲେ । ଉଇଲିୟମ୍ ଗୋଲ୍ଡିଂଙ୍କ ପ୍ରଥମ ଉପନ୍ୟାସ 'ଲର୍ଡ ଅଫ୍ ବି ଫ୍ଲାଇସ୍'କୁ ପ୍ରକାଶ କରିବାକୁ ୧୬ଜଣ ପ୍ରକାଶକ ରାଜି ହେଇନାହିଁ, କିନ୍ତୁ ଗୋଲ୍ଡିଂ ଏହି ଘଟଣାରେ ଆଦୌ ଭାଙ୍ଗି ପଡ଼ିନଥିଲେ । ପରିଶେଷରେ 'ଫେବର୍ ଆଣ୍ଡ୍ ଫେବର ନାମକ ପ୍ରକାଶନ ସଂସ୍ଥା ଏହାକୁ ପ୍ରକାଶ କରିବାକୁ ସାରା ବିଶ୍ୱରେ ତହଲ ପଡ଼ିଗଲା ଓ ଗୋଲ୍ଡିଂ ସେହି ଉପନ୍ୟାସଟି ପାଇଁ ନୋବେଲ ପୁରସ୍କାର ପାଇଲେ । ମୁଲ୍ଲରରାଜ୍ ଆନନ୍ଦଙ୍କର ପ୍ରଥମ ଉପନ୍ୟାସ 'ଦି ଅନ୍ଟଚେବଲ୍'କୁ ପ୍ରକାଶ କରିବାକୁ ୧୯ଜଣ ଇଂରେଜ ପ୍ରକାଶକ ମନା କରିଦେବେଲ, ଇ.ଏମ୍. ଫର୍ଷ୍ଟର୍ ଏହାର ମୁଖବନ୍ଧ ଲେଖିବା ପରେ ହିଁ ଜଣେ ଇଂରେଜ ପ୍ରକାଶକ ଏହାର ପ୍ରକାଶନ କଲେ । ଆନନ୍ଦ ଧୈର୍ଯ୍ୟର ସହିତ ସେହି ମୁହୂର୍ତ୍ତକୁ ହିଁ ଅପେକ୍ଷା କରିଥିଲେ । ଉତ୍ତାସ୍ ବେଡର୍ ବିମାନ-ଦୁର୍ଘଟଣାରେ ବିଜ୍ଞାନୀଙ୍କ ହୋଇ ମଧ୍ୟ ଟ୍ରିଟେନ୍-ଯୁଦ୍ଧରେ ବିମାନ ଚଳାଇ ବିଶ୍ୱବାସୀଙ୍କୁ ସ୍ତବ୍ଧ କରିଦେବେଲ । ଯୁଦ୍ଧଖାତ୍ତ ଆମେରିକାର ରାଷ୍ଟ୍ରପତି ଫ୍ରାଙ୍କ୍ଲିନ୍ ରୁଜ୍ଭେଲ୍ଟ ପୋଲିଓ ରୋଗାକ୍ରାନ୍ତ ହୋଇ ମଧ୍ୟ ରାଜନୈତିକ ଜୀବନରେ ଅସାମାନ୍ୟ ସଫଳତା ଅର୍ଜନ କଲେ । ହେରେନ୍ କେଲର୍ ଅନ୍ଧ ଓ ବଧିର ଥିଲେ, କିନ୍ତୁ ବିଶ୍ୱବିଦ୍ୟାଳୟର ଉଚ୍ଚ ଡିଗ୍ରୀ ଅର୍ଜନ ସହିତ ଅନେକ ପୁସ୍ତକ ରଚନା କଲେ । ଉତ୍କୃଟ ଅଭାବ ଅନଟନ ମଧ୍ୟରେ ଗତି କରି ମଧ୍ୟ ମ୍ୟାଡାମ୍ କ୍ୟୁରୀ ରେଡ଼ିୟମ୍ ଉଦ୍ଭାବନ କରିବାକୁ ସମର୍ଥ ହେଲେ । ଔପନ୍ୟାସିକ ଚାର୍ଲସ୍ ଡିକେନ୍ସ ଜଣେ ବିଖ୍ୟାତ ଔପନ୍ୟାସିକ ହୋଇପାରିଲେ । ଜଣେ ବରିଦ୍ର ରାଜମିସ୍ତ୍ରୀଙ୍କ ପୁଅ ଟମାସ୍ ହାର୍ଡି ଉତକୋଟୀର ଲେଖକ ଓ ଉପନ୍ୟାସ ରଚନା କଲେ । ଏହାଦ୍ୱାରା ଜଣେ ଜନ୍ମଗତ ଅଫିସ୍ରେ ଅଫିସ୍ରୁ ଏକାସ୍ତିୟ ଭାବେ କାର୍ଯ୍ୟ କରିଥିବା ଜର୍ଜ ବର୍ଣ୍ଣାଡ ଶ' ହେଲେ ବିଶ୍ୱର ଜଣେ ମହାନ୍ ନାଟ୍ୟକାର । ଅର୍ଥାଭାବ ହେତୁ ଚାଳିପଦା ଟ୍ରାଉବ୍ରଜ୍ ଓ ଛିଣ୍ଡା ଜୋତା ପିନ୍ଧି ତାକୁ ଲଣ୍ଡନ ରାଜପାସ୍ତାରେ ଚାକିରୀଲି ଯିବାକୁ ହେଇଥିଲା । ସ୍ୱଳ୍ପ ବୟସରେ ପିତୃମାତୃହାନ ହୋଇ ସ୍କୁଲ୍ ପଢ଼ା ଛାଡ଼ି ରେଳବାଇରେ ଗୋଟେ ଛିଣ୍ଡାଶି ଚାକିରୀ କରି ଜୀବିକା ନିର୍ବାହ କରିଥିବା ଜେରୋମ୍ କ୍ଲାପ୍କା ଜେରୋମ୍ ହେଲେ ହାସ୍ୟରସ-ସାହିତ୍ୟର ଜଣେ ଅତୁଳନୀୟ ସ୍ରଷ୍ଟା । ଜଣେ ଦିନମୁଜୁରିଆର ପୁଅ ଜୋସ୍ ସାରାମାଗୋ ଉପନ୍ୟାସ ରଚନା କରି ନୋବେଲ୍ ପୁରସ୍କାର ପାଇଲେ । ଔପନ୍ୟାସିକ ଜେମ୍ସ ଜୋୟସ୍ ଏକାନ୍ତ ଜୀବନର ଜାଳୀରେ ଜଳି ଯାଇ ଉପନ୍ୟାସ ରଚନା କରିଥିଲେ । ପରିବାରରେ ଘୋର ଦାରିଦ୍ର୍ୟ ହେତୁ ୧୦ବର୍ଷ ବୟସ ହେଲାବେଳକୁ ରାତି ୩ଟାରେ ନିଦରୁ ଉଠି ସେ ଖବରକାଗଜ ବିକ୍ରିବାକୁ ଯାଇଥିଲେ, ତା'ପରେ ଯାଇଥିଲେ ସ୍କୁଲ୍କୁ ପାଠ ପଢ଼ିବା ପାଇଁ, ସ୍କୁଲ୍ ଛୁଟି ହେଲେ ପୁଣି ସଞ୍ଜବେଳେ ଖବରକାଗଜ ବିକ୍ରିଥିଲେ । ପ୍ରତି ଶନିବାର ଦିନ ଗୋଟେ ବରଫଜଳରେ କିଛି ସମୟ ଶ୍ରମିକ ଭାବରେ କାର୍ଯ୍ୟ କରୁଥିଲେ, ନିଜ ଉପାର୍ଜିତ ଅର୍ଥକୁ ଉପଯୋଗ କରି ଅଧ୍ୟୟନରେ ଅଗ୍ରସର ହେଉଥିଲେ । ଅବସର ସମୟରେ ପାଠାଗାରକୁ ଯାଇ ଗଳ୍ପ, ଉପନ୍ୟାସ ଓ ପତ୍ରପତ୍ରିକା ପଢ଼ାରେ ମନୋନିବେଶ କରୁଥିଲେ ଏବଂ ନିଜେ ଉପନ୍ୟାସ ରଚନା କରି ଯଶସ୍ୱୀ ହୋଇପାରିଲେ । ଛାତ୍ରାବସ୍ଥାରେ ନିଜ ସ୍କୁଲ୍ ଘରକୁ ଝାଡୁ ଧରି ସଫା କରୁଥିବା ଜର୍ଜ ୱାଶିଂଟନ ହେଲେ ଆମେରିକାର ରାଷ୍ଟ୍ରପତି, ହୋଟେଲରେ ଶ୍ର





କୁଟୁରାଟୁଆଁ ଜୁନିଅର କଲେଜରେ ସମ୍ବିଧାନ ଦିବସ ପାଳିତ



ସମ୍ବଲପୁର,୨୭/୧୧(ନି/ପ୍ର): କୁଟିଣ୍ଡା ଉପଖଣ୍ଡ ଅନ୍ତର୍ଗତ କୁଟୁରାଟୁଆଁ ଜୁନିଅର କଲେଜରେ ଅଧକ୍ଷ ନିଳାଞ୍ଚଳସଂଜ ଡିଖୁରୀଙ୍କ ସଭାପତିତ୍ୱରେ ୭୮ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଉପସ୍ଥିତ ଅତିଥିମାନେ ସମ୍ବିଧାନର ପ୍ରଣେତା ଡ. ଭୀମରାଓ ଆମ୍ବେଦକରଙ୍କ ତୈଳଚିତ୍ରରେ ବାପ ପ୍ରଜ୍ୱଳନ କରି ପୁଷ୍ପମାଳା ଅର୍ପଣ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଅଧକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ବିଧାନର ମହତ୍ୱ ଓ ଏହାର ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ। ଭୋଜପୁରସ୍ଥିତ ବି.ଆର ଜି. ଜୁନିଅର କଲେଜର ପୂର୍ବତନ ଅଧକ୍ଷ ତଥା ରାଜନୀତି ବିଜ୍ଞାନ ଗବେଷକ ପ୍ରତାପ କୁମାର ମହଲୁଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମ୍ବିଧାନ ପ୍ରଣୟନରେ ଡ. ବି.ଆର ଆମ୍ବେଦକରଙ୍କ ଅବଦାନ ଓ ଭୂମିକା ସମ୍ପର୍କରେ ଉଦବୋଧନ ଦେଇଥିଲେ। କୁଟିଣ୍ଡା କୁଳର ପୂର୍ବତନ ଅଧକ୍ଷ ଜଗୁଣାଙ୍କର ବିଜ୍ଞାନ ସଜ୍ଜାନିତ ଅତିଥି ଭାବେ ଯୋଗଦେଇ ସମ୍ବିଧାନ ଦିବସ ପାଳନର ଉଦ୍ଦେଶ୍ୟ ଓ ଏହାର ଗୁରୁତ୍ୱ ଉପରେ ମାର୍ଗଦର୍ଶନ କରିଥିଲେ। କଲେଜର ବରିଷ୍ଠ ଅଧ୍ୟାପକ କୃଷ୍ଣଚନ୍ଦ୍ର ପୂଜାରୀ ସଭା ସଂଯୋଜନା କରିଥିବା ବେଳେ ରାଜନୀତି ବିଜ୍ଞାନ ଅଧ୍ୟାପିକା ଭାବନା ପାଣ୍ଡେ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କଲେଜର ଛାତ୍ରୀ ବବିତା ପ୍ରଧାନ, ଗାୟତ୍ରୀ ନାୟକ, ଲଭଲି ସୁନାନି, କାଟ୍ରିନା କିଷାନ, ମନିଷା ପ୍ରଧାନ ଓ ଲଡିକା ଭରସା ପ୍ରମୁଖ ସମ୍ବିଧାନ ଦିବସ ଉପରେ ନିଜ ମତାମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ସୁଧୀର କୁମାର ନାୟକ, ଶିକ୍ଷା ପ୍ରଶିକ୍ଷିକା ପ୍ରତିମା କୁମାରୀ ନାୟକ, ଡି.ଇ.ଓ. ସମୀନ କୁମାର ନାୟକ, ସେବକ ଜପ୍ରସେଦ ଗାଉଡ ଓ ଉଜଜ ରାୟ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଅଧ୍ୟାପକ ସତ୍ୟନାରାୟଣ ପଟେଲ ସମସ୍ତ ଅତିଥି, ଅଧ୍ୟାପକ-ଅଧ୍ୟାପିକା ଓ ଛାତ୍ରଛାତ୍ରୀଙ୍କୁ ସମ୍ବିଧାନର ପ୍ରସ୍ତାବନା ପାଠ କରାଇଥିଲେ। ଶେଷରେ ଅଧ୍ୟାପକ ସୁଧୀର କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ମଚ୍ଚ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା



ସମ୍ବଲପୁର,୨୭/୧୧(ନି/ପ୍ର): ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାରର ସଭାଗୃହରେ ଆଜି ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ମଚ୍ଚ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ଏହି ସଭାରେ ବିଦଂଗତ ଶିକ୍ଷାବିତ୍, ଶିକ୍ଷକ ନେତା, ନାଟ୍ୟକାର, ଚଳଚ୍ଚିତ୍ରକାହାଣୀ ଲେଖକ ତଥା ସାହିତ୍ୟିକ ଶୌଳେଶ ଚନ୍ଦ୍ର ପଟ୍ଟନାୟକ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ତଥା ଶିକ୍ଷକ ନେତା ଅଜିତ କୁମାର ବାଶ, ଟାଉନ୍ ହାଇସ୍କୁଲର ଅବସରପ୍ରାପ୍ତ ହୀତା ଶିକ୍ଷକ ଯୋଗେଶ କୁମାର ତିଖୁରା, ବିଶିଷ୍ଟ ଫଂଷ୍ଟାର ଶିକ୍ଷକ ତଥା କର୍ମକାଣ୍ଡ ବିଶାରଦ ନିରଞ୍ଜନ ସତ୍ପଙ୍ଗୀ ଓ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ବିଭୂତି ଭୂଷଣ ପଣ୍ଡାଙ୍କ ଅମର ଆତ୍ମାର ସଦ୍ଗତି କାମନା କରାଯାଇ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ମଚ୍ଚର ସଭାପତି ହୀରାଲାଲ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଫଂଗାନର ସମ୍ପାଦକ ରାଜେନ୍ଦ୍ର କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଦଂଗତ ବ୍ୟକ୍ତିତ୍ୱମାନଙ୍କ ସ୍ମୃତିରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ମଚ୍ଚର ସଭ୍ୟ ହରି ନାରାୟଣ ପଣ୍ଡା, ସନ୍ତୋଷ କୁମାର ପ୍ରଧାନ, ପଦ୍ମନାଭ ମହାକୁଡ଼, ଉଦିତ ଚନ୍ଦ୍ର ପାତଯୋଶୀ, ଶୁଭ୍ରାଂଶୁ ପଟ୍ଟନାୟକ ଓ କୈଳାସ ଚନ୍ଦ୍ର ବାରିକ ପ୍ରମୁଖ ବିଦଂଗତ ବ୍ୟକ୍ତିତ୍ୱମାନଙ୍କ ଜୀବନ, କର୍ମ, ଅବଦାନ ଓ ଗୁଣଗାରିମା ସ୍ମରଣ କରି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

କୋଇଲା ପରିବହନ ଉପରେ କଡ଼ା ନଜର ନିୟମ ଉଲ୍ଲଂଘନ କଲେ ହେବ କାର୍ଯ୍ୟାନୁଷ୍ଠାନ

ଝାରସୁଗୁଡା,୨୭/୧୧(ନି/ପ୍ର): କୋଇଲା ପରିବହନ ଯୋଗୁଁ ରାସ୍ତାରେ ଟ୍ରାଫିକ୍ ସମସ୍ୟା, ଧୂଳି ପ୍ରଦୂଷଣ ଓ ଦୁର୍ଘଟଣା ଆଶଙ୍କାକୁ ନେଇ ଶେଷରେ କଡ଼ା ପଦକ୍ଷେପ ନିଆଯାଇଛି। କୁଡ଼ାଲୋଇ ଗ୍ରାମବାସୀଙ୍କ ଦାବିକୁ ଗୁରୁତ୍ୱ ଦେଇ ଲଖନପୁର ଥାନାରେ ଆଜି ଅନୁଷ୍ଠିତ ଏକ ସମନ୍ୱୟ ବୈଠକରେ କୋଇଲା ବୋଝେଇ ଭାରୀଯାନ ଚଳାଚଳ ଉପରେ ଏକାଧିକ ଜଟଜଣା ଲଗାଯାଇଛି। ବସ୍ତି ଅଂଚଳରେ ଟ୍ରକ୍ ବେଗ ଘଟାପ୍ରତି ୨୦ କିଲୋମିଟର ମଧ୍ୟରେ ରଖିବା ସହ ରାସ୍ତାରେ ଅଚଳ ହେଉଥିବା ଗାଡ଼ିକୁ ୩୦ ମିନିଟ୍ ମଧ୍ୟରେ ହଟାଇବାକୁ ଟ୍ରକ୍ ମାଲିକ ସଂଘକୁ ଦାୟିତ୍ୱ ଦିଆଯାଇଛି। ଥାନା ଅଧିକାରୀଙ୍କ ଉପସ୍ଥିତିରେ ହୋଇଥିବା ଏସ୍ପିଏଲ୍ ଲଖନପୁର କ୍ଷେତ୍ର ଅନ୍ତର୍ଗତ ଆଇଏଚ୍ଏଲ୍ ଓଟିପିର ଅଧିକାରୀ, ବନ୍ଧବାହାଲସ୍ଥିତ ମା' ସମଲେଇ ଟ୍ରକ୍ ମାଲିକ ସଂଘର ପ୍ରତିନିଧି ଏବଂ କୁଡ଼ାଲୋଇ ଓ ଲଖନପୁର ଅଂଚଳର ଗ୍ରାମବାସୀ ଯୋଗ ଦେଇଥିଲେ। ବାର୍ତ୍ତାଦିନ ଧରି ଭାରୀଯାନ ଚଳାଚଳକୁ ନେଇ ଦେଖାଦେଉଥିବା ସମସ୍ୟା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ରାସ୍ତା ମଝିରେ ଟ୍ରକ୍ ଅଚଳ ହେବା, ଇନ୍ଧନ ଅଭାବରୁ ଗାଡ଼ି ଅଟକିବା, ଡାଲାର ଧାର୍ଯ୍ୟ ଉଚ୍ଚତାଠାରୁ ଅଧିକ ବୋଝେଇ ବୋଝେଇ, ଡାରପୋଲିନ୍ରେ ବୋଝେଇ ନ ହୋଇବା ଏବଂ ବେପରୁଆ ଗାଡ଼ି ଚାଳନା ଯୋଗୁଁ ସାଧାରଣ ଯାତ୍ରୀ ଓ ପଥଚାରୀ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ।ଏଥିସହ ପୁଞ୍ଜିପଥର ଛକରେ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା ନଥିବା ଏବଂ ସଂଯୋଗୀକରଣ ରାସ୍ତା ସଂକୀର୍ଣ ଓ କ୍ଷତିଗ୍ରସ୍ତ ହୋଇଥିବାରୁ ରାତିରେ ଯାତାୟାତ ବିପଦପୂର୍ଣ୍ଣ ହେଉଥିବା କଥା ଉଠିଥିଲା। ବୈଠକରେ ନିଷ୍ପତ୍ତି ହୋଇଛି ଯେ, ଚୌରସି ଟ୍ରକ୍ ରାସ୍ତାରେ ଅଚଳ ହେଲେ ତୁରନ୍ତ ରାସ୍ତାକୁ ହଟାଇବାକୁ ସାଧାରାଣ ଘୋଷଣା କରାଯିବ। ଖଣି କର୍ତ୍ତୃପକ୍ଷ ପ୍ରତ୍ୟେକ ଗାଡ଼ିର ବୋଝେର ଓ ଆବରଣ ଯାଞ୍ଚ କରିବେ। ପୁଞ୍ଜିପଥର ଛକରୁ ଖଣିର ଆଉଟ୍ ଗେଟ୍ ପର୍ଯ୍ୟନ୍ତ ରାସ୍ତାରେ ଟ୍ରାନ୍ସପୋର୍ଟ ଡାଲାଣ ଓ ଜିପିଏସ୍ ଟ୍ୟାଗିଂ ଭଳି କାର୍ଯ୍ୟ ପାଇଁ ଗାଡ଼ି ଅଟକାଇବା ଉପରେ ରୋକ୍ ଲଗାଯାଇଛି। ଏଥିପାଇଁ ରାସ୍ତାଠାରୁ ଦୂରରେ ଏକ ପୃଥକ୍ ପାର୍କିଂ ସ୍ଥାନ ଚିହ୍ନଟ କରାଯିବ। ସେହିପରି କୁଡ଼ାଲୋଇଠାରୁ ଲଖନପୁର ଛକ ପର୍ଯ୍ୟନ୍ତ ଜାତୀୟ ରାଜପଥ-୪୯ରେ ଜମା ହେଉଥିବା ବୋଇଲା ଧୂଳି ସଫା କରିବା ପାଇଁ ଆଇଏଚ୍ଏଲ୍ ପକ୍ଷରୁ ଯାନ୍ତ୍ରିକ ସଫେର ଗାଡ଼ି ନିୟୋଜିତ କରାଯିବ। ପୁଞ୍ଜିପଥର ଛକରେ ଦୁର୍ଘଟଣା ରୋକିବା ପାଇଁ ଛକର ଉଭୟ ପାର୍ଶ୍ୱରେ ପ୍ରାୟ ୧୦୦ ମିଟର ପର୍ଯ୍ୟନ୍ତ ସଂଯୋଗୀକରଣ ରାସ୍ତାର ଉନ୍ନତିକରଣ ଓ ପ୍ରଶସ୍ତିକରଣ କରାଯିବ। ଆବଶ୍ୟକ ପଡ଼ିଲେ ସିମେଂଟ ଜଙ୍କ୍ରିଟ୍ ରାସ୍ତା ନିର୍ମାଣ ସହ ରାସ୍ତାର ସୁଦୃଢ଼ୀକରଣ ମଧ୍ୟ କରାଯିବା ଲାଏଥିସହ ଛକରେ ଉନ୍ନତ ଆଲୋକ ବ୍ୟବସ୍ଥା ଓ ସିସିଟିଭି କ୍ୟାମେରା ଲଗାଯିବ। ନିୟୋଜିତ ସୁରକ୍ଷା କର୍ମଚାରୀ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ଭାରୀଯାନ ଓ ସାଧାରଣ ଯାନବାହନ ଚଳାଚଳକୁ ନିୟନ୍ତ୍ରଣ କରିବେ। ବୈଠକରେ ହୋଇଥିବା ନିଷ୍ପତ୍ତିଗୁଡ଼ିକର ଠିକ୍ ଭାବେ କାର୍ଯ୍ୟକାରିତା ନହେଲେ ଆଗାମୀ ଦିନରେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ବୈଠକରେ ଏସ୍ପିଏଲ୍ ପ୍ରୋଜେକ୍ଟ ମ୍ୟାନେଜର ଏଲ୍.ଏସ୍. ଡାଙ୍ଗିରି, ଡେପୁଟି ମ୍ୟାନେଜର ଏସ୍.କେ. ପ୍ରଧାନ, ଏରିଆ ସୁରକ୍ଷା ଅଧିକାରୀ ଏନ୍. ପଟ୍ଟେଲଙ୍କ ସମେତ ଅନ୍ୟ ଅଧିକାରୀ, ଟ୍ରକ୍ ମାଲିକ ସଂଘର ସାଧାରଣ ସମ୍ପାଦକ ସନ୍ତୋଷ ମହାନ୍ତି, ସଦସ୍ୟ ପ୍ରଶାନ୍ତ କୁମାର ଭୂୟାଁ ଏବଂ କୁଡ଼ାଲୋଇ ଓ ଲଖନପୁର ଅଂଚଳର ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

କୁଲୁପାଲି ଗାଁରେ ଦନ୍ତାହାତୀ ଆତଙ୍କ

ଝାରସୁଗୁଡ଼ା,୨୭/୧୧(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲା ଲୋଇାଡିରା ଫରେଷ୍ଟ ରେଞ୍ଜ ଅଂଚଳରେ ଦନ୍ତାହାତୀ ଆତଙ୍କ ଦେଖାଦେଇଛି। ମଙ୍ଗଳବାର ରାତିରେ ଏକ ଗୋଠଛଡ଼ା ଦନ୍ତାହାତୀ କୁଲୁପାଲି ଗ୍ରାମରେ ପଶି ଜଣେ ଚାଷୀଙ୍କ ବାଡ଼ିରେ ଥିବା ୪ଟି ନଡ଼ିଆ ଗଛ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଗତ କିଛିଦିନ ହେଲା ଏହି ଗୋଠଛଡ଼ା ଦନ୍ତାହାତୀଟି ଲୋଇାଡିରା ଫରେଷ୍ଟ ରେଞ୍ଜ ଅଂଚଳରେ ପୁରି ବୁଲୁଛି। ମଙ୍ଗଳବାର ଦିନ ହାତୀଟି ଲୋଇାଡିରା ବ୍ଲକ୍ କୁଲିହାମାଳ ପଚାୟତ ଅନ୍ତର୍ଗତ ଜାମବୁଆ ଜଙ୍ଗଲରେ ଥିଲା। ପରେ ରାତିରେ ଜଙ୍ଗଲରୁ ବାହାରି ମହୁଲମୁଣ୍ଡା ଜଙ୍ଗଲ ଦେଇ ରଘୁନାଥପାଲି ପଚାୟତ ଅନ୍ତର୍ଗତ କୁଲୁପାଲି ଗ୍ରାମରେ ପହଞ୍ଚିଥିଲା। ସେଠାରେ ଗ୍ରାମର ସୁରେନ୍ଦ୍ର ସାହୁଙ୍କ ବାଡ଼ିରେ ପଶି ୪ଟି ନଡ଼ିଆ ଗଛ ଭାଙ୍ଗି ଦେଇଥିଲା। ଦିନକୁ ଦିନ ଅଚଂଜରେ ଦନ୍ତାହାତୀର ଅବାଧ ବିଚରଣ ଯୋଗୁଁ ପ୍ଲାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏହି ଦନ୍ତାହାତୀ ଯୋଗୁଁ ଆଗାମୀ ଦିନରେ ଧନଜୀବନ କ୍ଷତି ହେବାର ଆଶଙ୍କା ଥିବାରୁ ବନ ବିଭାଗ ତୁରନ୍ତ ପଦକ୍ଷେପ ନେଇ ହାତୀଟିକୁ ଜନବସତି ଅଚଂଜରୁ ଘଉଡ଼ାଇବା ସହ ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଅଂଚଳବାସୀ ଦାବି କରିଛନ୍ତି। ପରେ ରାତିରେ ଜଙ୍ଗଲରୁ ବାହାରି ମହୁଲମୁଣ୍ଡା ଜଙ୍ଗଲ ଦେଇ ରଘୁନାଥପାଲି ପଚାୟତ ଅନ୍ତର୍ଗତ କୁଲୁପାଲି ଗ୍ରାମରେ ପହଞ୍ଚିଥିଲା।

ଅମୃତ ଭାରତ ଯୋଜନାରେ ନୂଆ ରୂପ ପାଇଲା ସମ୍ବଲପୁର ସିଟି ଷ୍ଟେସନ



ସମ୍ବଲପୁର,୨୭/୧୧(ନି/ପ୍ର): ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ସମ୍ବଲପୁର ସିଟି ରେଳ ଷ୍ଟେସନର ପୁନର୍ବିକାଶ କରାଯାଇ ଆଧୁନିକ ରୂପ ପ୍ରଦାନ କରାଯାଇଛି। ପ୍ରାୟ ୨୫.୬୬ କୋଟି ଟଙ୍କା ବ୍ୟୟରେ ଷ୍ଟେସନରେ ନୂତନ ଭିନିଭୂମି ସହ ଯାତ୍ରୀଙ୍କ ପାଇଁ ବିଭିନ୍ନ ସୁବିଧା ବିକଶିତ କରାଯାଇଛି। ଏହି ପୁନର୍ବିକାଶରେ ୧,୦୧୧ ବର୍ଗ ମିଟରର ନୂତନ ଷ୍ଟେସନ ଭବନ, ୧୨ ମିଟର ଚଉଡ଼ା ଫୁଟ୍ ଓଭର ବ୍ରିଜ୍, ଉନ୍ନତ ପ୍ଲାଟଫର୍ମ, ୨୮ଟି ଦ୍ୱି ବିଶିଷ୍ଟ ସେଲୁନ, ପ୍ରତୀକ୍ଷାଳୟ, ଶୌଚାଳୟ ଓ ପାର୍କିଂ ବ୍ୟବସ୍ଥା ନିର୍ମାଣ କରାଯାଇଛି। ଏଥିସହ ଉନ୍ନତ ଆଲୋକୀକରଣ, ସାଇନେଜ୍, ଭୋଜ୍ ସୂଚନା ବୋର୍ଡ, ମୋବାଇଲ୍ ଚାର୍ଜି, ପାନୀୟ ଜଳ ଓ ପଙ୍ଖା ସୁବିଧା ଯୋଗାର ଦିଆଯାଇଛି। ଦିବ୍ୟାଙ୍ଗଜନ ଓ ବରିଷ୍ଠ ନାଗରିକଙ୍କ ପାଇଁ ରାମ୍ପ, ଟାକ୍ଟାଇଲ୍ ପାଥୱେ, ଅନୁକୂଳ ଶୌଚାଳୟ, ନିମ୍ନ ଉଚ୍ଚତାର ଟିକେଟ୍ କାଉଂଟର, ସ୍ୱତନ୍ତ୍ର ପାର୍କିଂ ଓ ସହାୟତା କେନ୍ଦ୍ର ଭଳି ସୁବିଧା ରହିଛି। ଯାତ୍ରୀଙ୍କ ସୁଗମ ଯାତାୟାତ ପାଇଁ ଲିଫ୍ଟ ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହି ପୁନର୍ବିକାଶ ଦ୍ୱାରା ସମ୍ବଲପୁର ସିଟି ଷ୍ଟେସନର ଯାତ୍ରୀ ସେବା ଓ ରେଳ ଭିନିଭୂମି ଅଧିକ ସୁଦୃଢ଼ ହେବା ସହ ଯାତ୍ରୀଙ୍କୁ ଉନ୍ନତ ଓ ଆରାମଦାୟକ ଯାତ୍ରା ଅନୁଭୂତି ମିଳିବ।

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ କ୍ୟାରିୟର ପରାମର୍ଶ କାର୍ଯ୍ୟଶାଳା



ସମ୍ବଲପୁର,୨୭/୧୧(ନି/ପ୍ର): ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା, ଗବେଷଣା, ନିଯୁକ୍ତି ଓ ଭବିଷ୍ୟତ କ୍ୟାରିୟର ଗଠନରେ ଦିଗ୍‌ଦର୍ଶନ ଦେବା ଉଦ୍ଦେଶ୍ୟରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କ୍ୟାରିୟର ଜ୍ଞାନସେଜ୍ଜି ଓ ପ୍ଲେସମେଂଟ ସେଲ୍ ପକ୍ଷରୁ ନାରାୟଣୀ ପଣ୍ଡା ରିସର୍ଚ୍ଚ ସେଂଟରଠାରେ ଏକଦିବସୀୟ କ୍ୟାରିୟର ପରାମର୍ଶ କାର୍ଯ୍ୟଶାଳା ଆୟୋଜିତ ହୋଇଥିଲା। କାର୍ଯ୍ୟଶାଳାରେ ହିଷ୍ଟାଲଚୋର ପୂର୍ବତନ ଯୁଗ୍ମ ସଭାପତି ତଥା ଉଷ୍ଣଝରର ପୂର୍ବତନ ଉରଡ ଇଞ୍ଜିନିୟର ସୁଶାନ୍ତ କୁମାର ଗୁରୁ ଓ ଆଇଆଇଏମ୍ ସମ୍ବଲପୁରର ସହକାରୀ ପ୍ରଫେସର ଡ. ସୁଜିତ କୁମାର ପୁରେଟ୍ ବକ୍ତା ଭାବେ ଯୋଗଦେଇ ଦକ୍ଷତା, ଆତ୍ମବିଶ୍ୱାସ, ନିଷ୍ଠା, ଶୃଙ୍ଖଳା ଓ ସମୟର ସଦୁପଯୋଗ ଦ୍ୱାରା ଭବିଷ୍ୟତ ପାଇଁ ପ୍ରସ୍ତୁତ ହେବାକୁ ପରାମର୍ଶ ଦେଇଥିଲେ। କୁଳପତିଙ୍କ ସଳତ କୁମାର ନାଏକ ଓ ପିଜି ଜାଉନସିଲ୍ ଅଧକ୍ଷ ପ୍ରଫେସର ପାର୍ଥସାରଥୀ ମଲ୍ଲିକ ମଧ୍ୟ ଉଦ୍‌ବୋଧନ ଦେଇଥିଲେ। ପ୍ରଫେସର ବିଜୟଲକ୍ଷ୍ମୀ ପାଣିଗ୍ରାହୀ ସ୍ୱାଗତ ଭାଷଣ, ଡ. ସସ୍ମିତା ପତି ଅତିଥି ପରିଚୟ ଓ ସୁମନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ବାଲ୍ୟ ବିବାହ ରୋକିବା ପାଇଁ ପ୍ରତିରୋଧ ଅଧିକାରୀଙ୍କୁ ତାଲିମ



ସମ୍ବଲପୁର,୨୭/୧୧(ନି/ପ୍ର): ବାଲ୍ୟ ବିବାହ ରୋକିବା ଓ ଏହାର ନିରାକରଣ ପାଇଁ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଆଜି ବାଲ୍ୟ ବିବାହ ପ୍ରତିରୋଧ ଅଧିକାରୀମାନଙ୍କୁ ନେଇ ଏକ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଶ୍ରୀମତୀ ସରିତା ବାସ, ପ୍ରୋଗ୍ରାମ ଅଫିସର ଜମ୍ ପ୍ରୋଟେକ୍ସସ୍ ଅଫିସର, ସ୍ୱାଗତ ଭାଷଣ ଦେଇଥିବାବେଳେ ଭାରପ୍ରାପ୍ତ ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ସରୋଜ ବେହେରା କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ପ୍ରସନ୍ନ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଲ୍ୟ ବିବାହ ରୋକିବାରେ ସମସ୍ତଙ୍କ ଦାୟିତ୍ୱ ଓ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଡିଏସ୍ପି ଶ୍ରୀମତୀ ତାରାବତୀ ପ୍ରଧାନ ବାଲ୍ୟ ବିବାହ ନିରୋଧରେ ପୋଲିସର ଭୂମିକା ସମ୍ପର୍କରେ ତଥ୍ୟ ରଖିଥିଲେ। ଚାଇଲ୍ଡଲାଇନ୍ ଭାବେ ଜିଲ୍ଲା ସଂଯୋଜିକା, ଏଡ୍ ଆଟ୍ ଆକ୍ସନ୍ ଶ୍ରୀମତୀ ସୁନୀତା ତ୍ରିପାଠୀ ବାଲ୍ୟ ବିବାହ ନିରୋଧ ଆଇନ-୨୦୦୬ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ହର୍ ବାଲ୍ୟ ବିବାହ ମୁକ୍ତ ଭାରତର ଜିଲ୍ଲା ସଂଯୋଜକ ଛୋଟେଲାଲ ସାହୁ ବାଲ୍ୟ ବିବାହ ମୁକ୍ତ ଭାରତ ପୋର୍ଟାଲ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ପଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଅନୁସୂଚିତ ଜାତି ଓ ଜନଜାତି ହସ୍ତେଲର ୱାର୍ଡେନ୍ ଓ ମେଟ୍ରନ୍‌ମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ହର୍ର ଜର୍ନଲିର୍ଜମାନେ ସହଯୋଗ କରିଥିଲେ। ଶେଷରେ ହର୍ର ଜେଣ୍ଡର ସ୍ପେସାଲିଷ୍ଟ ଶ୍ରୀମତୀ ସୁତରିତା ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

ରେମ୍ପଲା ସେତୁରେ ଓଭରେଲାଡିଂ ଆତଙ୍କ, ବିପଦେର ସାଧାରଣ ଯାତ୍ରୀ

ଝାରସୁଗୁଡ଼ା,୨୭/୧୧(ନି/ପ୍ର):ରେମ୍ପଲା ସେତୁ ରାସ୍ତା ଏବେ ଶିଳ୍ପସଂସ୍ଥାଙ୍କ ଭାରୀଯାନ ଚଳାଚଳ ଯୋଗୁଁ ସାଧାରଣ ଯାତ୍ରୀଙ୍କ ପାଇଁ ବିପଦପୂର୍ଣ୍ଣ ହୋଇପଡ଼ିଛି। ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାର ସୀମାନ୍ତରେ ଥିବା ଏହି ସେତୁ ଦେଇ ପ୍ରତିଦିନ ହଜାର ହଜାର ଭାରୀଯାନ ଚଳାଚଳ ଓ ଘ୍ୟାଆଣ୍ଡ୍ ପରିବହନ କରୁଛନ୍ତି। ବରିଷ୍ଠାଞ୍ଚଳରି ଓଭରେଲାଡିଂ ଯାତ୍ରିକ ଦେଉଛୁଆ ଚଳାଚଳ ଯୋଗୁଁ ଦୁର୍ଘଟଣା ଆଶଙ୍କା ବଢ଼ିବା ସହ ଯାତ୍ରୀଙ୍କ ସୁରକ୍ଷା ନେଇ ଚିନ୍ତା ପ୍ରକାଶ ପାଇଛି। ଖାଜରିସ୍ଥିତ ଓପିଜିସି ଏବଂ ଲଣ୍ଡ-ବାରାଥ୍ ପ୍ରକଳ୍ପରୁ ନିର୍ଗତ ଘ୍ୟାଆଣ୍ଡ୍ ପରିବହନ କରୁଥିବା ଭାରୀଯାନଗୁଡ଼ିକ ରେମ୍ପଲା ସେତୁ ଦେଇ ରେଙ୍ଗାଲି ଅଭିମୁଖେ ଯାତାୟାତ କରୁଛନ୍ତି। ଅେନକ ଗାଡ଼ିରେ ନିର୍ଦ୍ଧାରିତ କ୍ଷମତାଠାରୁ ଅଧିକ ପାର୍ଶ୍ୱଗଣ ବେଶୀରେ ହେଉଥିବା ଅଭିଯୋଗ ହେଉଛି। ଅନିୟନ୍ତ୍ରିତ ବେଗ, ଦେପରୁଆ ଗାଡ଼ି ଚାଳନା ଏବଂ ରାସ୍ତାରେ ପାର୍ଶ୍ୱଗଣ ଓ ଖୋଇଲା ଖୁଣ୍ଟ ଭଡ଼ିବା ଯୋଗୁଁ ଅନ୍ୟ ଯାତ୍ରୀମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଓଭରେଲାଡି



ନିଃଶୁଳ୍କ କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିରର ଶୁଭାରମ୍ଭ



ରାଉରକେଲା,୨୭/୧୧(ନି/ପ୍ର): ତ୍ରିଶକ୍ତି ଧାମ ଏବଂ ମାରୱାଡି ଯୁବ ମଚଂ, ଜାଗୃତି ଶାଖା, ରାଉରକେଲା (ଡିଭିଜନ-୪) ପକ୍ଷରୁ ମିଳିତ ଭାବରେ ଆୟୋଜିତ ମାଗଣା କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିରର ଉଦ୍ଘାଟନ ଆଜି ତ୍ରିଶକ୍ତି ଧାମ ଠାରେ ପୂର୍ବାହ୍ନ ୧୧ଟା ୩୦ ସମୟରେ ହୋଇଯାଇଛି। ଦରିଦ୍ର ଲୋକଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ ଏବଂ ସେମାନଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ଏହି ସେବା ନଭେମ୍ବର ୨୭, ୨୮ ଓ ୨୯ ତାରିଖ ତିନି ଦିନ ଧରି ଚାଲିବ। ଏହି ମାଗଣା କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିରରେ ଦିବ୍ୟାଙ୍ଗମାନଙ୍କୁ କୃତ୍ରିମ ଗୋଡ଼, ଯାନ୍ତ୍ରିକ ହାତ, ଆଶାବାଡ଼ି, କହୁଣୀ ବାଡ଼ି, ଚାଲିବା ବାଡ଼ି ଏବଂ ଅନ୍ଧ ବାଡ଼ି ମାଗଣାରେ ବଣ୍ଟନ କରାଯିବ। ହିତାଧିକାରୀ ଏବଂ ସେମାନଙ୍କ ପରିଚାରକଙ୍କ ପାଇଁ ରହିବା ଓ ଖାଇବା ସମେତ ସମସ୍ତ ବ୍ୟବସ୍ଥା ସମ୍ପୂର୍ଣ୍ଣ ମାଗଣାରେ ପ୍ରଦାନ କରାଯାଉଛି। ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ସ୍ୱାବଲମ୍ବୀ ଏବଂ ମର୍ଯ୍ୟାଦାଜନକ ଜୀବନଯାପନ କରିବାରେ ସହାୟତା ପ୍ରଦାନ କରିବା ଲକ୍ଷ୍ୟରେ ଆଜି ଠାରୁ ନଭେମ୍ବର ୨୯ ତାରିଖ ପର୍ଯ୍ୟନ୍ତ ମାରୱାଡ଼ି ଯୁବ ମଚଂ ଜାଗୃତି ଶାଖା ଏବଂ ତ୍ରିଶକ୍ତି ସେବା ଟ୍ରଷ୍ଟର ମିଳିତ ଆନୁକୁଲ୍ୟରେ ରାଚିଂର ଶ୍ରୀ ଭଗବାନ ମହାବୀର ବିକଳାଙ୍ଗ ସହାୟତା ସମିତିର ସହଯୋଗରେ ଏହି ବିଶାଳ ମାଗଣା ଦିବ୍ୟାଙ୍ଗ ସହାୟତା ଶିବିର ଆୟୋଜନ କରାଯାଉଛି। ଶୁଭାରମ୍ଭ ହୋଇଥିବା ଏହି ୩ ଦିନିଆ ଶିବିରର ପ୍ରଥମ ଦିନରେ ହିତାଧିକାରୀମାନଙ୍କ କ୍ଷତିଗ୍ରସ୍ତ ଅଙ୍ଗର ପରୀକ୍ଷା ନିରୀକ୍ଷା ସହ ମାପ ନିଆଯାଇଛି। ଦ୍ୱିତୀୟ ଦିନରେ ମଧ ଏହି କାର୍ଯ୍ୟକ୍ରମ ଜାରି ରହିବ। ତୃତୀୟ ଦିନ ଅର୍ଥାତ୍ ନଭେମ୍ବର ୨୯ ତାରିଖରେ ହିତାଧିକାରୀମାନଙ୍କୁ କୃତ୍ରିମ ଅଙ୍ଗ ଏବଂ ସହାୟକ ଉପକରଣ ପ୍ରଦାନ କରାଯିବ। ଏହି ସେବା ଶିବିରର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ସମାଜରେ ଗରୀବ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ଆବଶ୍ୟକୀୟ କୃତ୍ରିମ ଅଙ୍ଗ ଏବଂ ସହାୟକ ଉପକରଣ ପ୍ରଦାନ କରି ସେମାନଙ୍କ ଜୀବନକୁ ଅଧିକ ଆରାମଦାୟକ, ସୁଗମ ଏବଂ ସ୍ୱାବଲମ୍ବୀ କରିବା। ଆର୍ଥିକ ପ୍ରତିବନ୍ଧକ ଯୋଗୁଁ ଅନେକ ଗରିବ ଓ ଦୁର୍ବଳ ଶ୍ରେଣୀର ବ୍ୟକ୍ତି ଏହି ସୁବିଧାରୁ ବଚିଂତ ହେଉଛନ୍ତି ସେମାନଙ୍କୁ ସହାୟତା ପ୍ରଦାନ କରିବା ଏହି ଶିବିରର ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଏପରି ଲୋକଙ୍କୁ ସେବା ପ୍ରଦାନ କରିବା। ମାରୱାଡ଼ି ଯୁବ ମଚଂ ଜାଗୃତି ଶାଖା ଏବଂ ତ୍ରିଶକ୍ତି ଧାମ ସେବା ଟ୍ରଷ୍ଟର ମିଳିତ ସହଯୋଗରେ ଶୁଭାରମ୍ଭ ହୋଇଥିବା ମାଗଣା ଅଙ୍ଗ ପ୍ରତ୍ୟାରୋପଣ ଶିବିରକୁ ଆଜି ଉଦ୍ଘାଟନ କରିଥିଲେ ଜାଗୃତି ଶାଖାର ପୂର୍ବତନ ସଭାନେତ୍ରୀ ଶ୍ରୀମତୀ ଅନ୍ନପୂର୍ଣ୍ଣା ମାରୋଥିଆ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ୨୦୧୪ର ପ୍ରଥମ କରି ଅମର ଭବନ ପରିସରରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ନର ସେବା ହିଁ ନାରାୟଣ ସେବା, ଏହାକୁ ପାଥେୟ କରି ଏହି ସେବା ଆରମ୍ଭ କରାଯାଇଛି। ଶିବିରରେ ମାରୱାଡ଼ି ଯୁବ ମଚଂ ଜାଗୃତି ଶାଖାର ସଭାନେତ୍ରୀ ଶ୍ରୀମତୀ ପ୍ରଭାସ ଅଗ୍ରୱାଲ, ସଚିବ ଶ୍ରୀମତୀ କାଚଂନ ଅଗ୍ରୱାଲ, କୋଷାଧକ୍ଷା ଶ୍ରୀମତୀ ଜ୍ୟୋତି ଅଗ୍ରୱାଲ, ପ୍ରକଳ୍ପ ନିର୍ଦ୍ଦେଶିକା ଶ୍ରୀମତୀ ଅନାମିକା ମିତଲ, ଶ୍ରୀମତୀ ରୁବି ବନସଲ, ଶ୍ରୀମତୀ ରୂପା ଅଗ୍ରୱାଲ, ଶ୍ରୀମତୀ କୌଶଲ ଅଗ୍ରୱାଲ ପ୍ରମୁଖଙ୍କ ସମେତ ତ୍ରିଶକ୍ତି ଧାମ ସେବା ଟ୍ରଷ୍ଟ ପକ୍ଷରୁ ଶ୍ୟାମ ବିହାରୀ ଗୋୟଲ ପ୍ରମୁଖ ଉପସ୍ଥିତ ରହି ମାଗଣା ଅଙ୍ଗ ପ୍ରତ୍ୟାରୋପଣ ଶିବିରର ପରିଚାଳନା କରୁଛନ୍ତି।

ସୁନ୍ଦରଗଡ଼ରୁ ବାହାରିଲେ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ



ସୁନ୍ଦରଗଡ଼,୨୭/୧୧(ନି/ପ୍ର): ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଆଜି ସୁନ୍ଦରଗଡ଼ ଜିଲ୍ଲାରୁ ତୀର୍ଥଯାତ୍ରୀ ମାନେ ସମ୍ବଲପୁର ଅଭିମୁଖେ ଯାତ୍ରା କରିଛନ୍ତି। ସମ୍ବଲପୁରରୁ ଆସନ୍ତା କାଲି ଏକ ସ୍ୱତନ୍ତ୍ର ଟ୍ରେନ ମାଧ୍ୟମରେ ହରିଦ୍ୱାର ଏବଂ ଋଷିକେଶକୁ ଯାତ୍ରା କରିବେ। ଏହି ଅବସରରେ ଆଜି ସ୍ଥାନୀୟ ବିକାଶ ଭବନ ପରିସରରେ ବିଭିନ୍ନ ବ୍ଲକରୁ ଆସିଥିବା ତୀର୍ଥଯାତ୍ରୀ ମାନଙ୍କର ବସକୁ ମାନ୍ୟବର କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଶ୍ରୀ ଜୁଏଲ ଓରାମ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଶ୍ରୀ ସନ୍ତୋଷ ଅମାତ୍, ସୁନ୍ଦରଗଡ଼ ପୌର ପରିଷଦର ଅଧ୍ୟକ୍ଷା ଶ୍ରୀମତୀ ତନୟା ମିଶ୍ର,ଜନଜାତି ପରାମର୍ଶଦାତା କମିଟିର ସଦସ୍ୟ ଶ୍ରୀମତୀ କୁସୁମ ଟେଟେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ସୁରଞ୍ଜନ ସାହୁ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀ ହରେକୃଷ୍ଣ ସାହୁ ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ତୀର୍ଥଯାତ୍ରାରେ ସୁନ୍ଦରଗଡ଼ ଜିଲ୍ଲାରୁ ମୋଟ ୧୮୦ ଜଣ ତୀର୍ଥଯାତ୍ରୀ ସାମିଲ ହୋଇଛନ୍ତି। ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ତୀର୍ଥ ଯାତ୍ରୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପ୍ରକାଶ ଥାଉ କି ଏହି ତୀର୍ଥ ଯାତ୍ରାରେ ଉତରାଚଂଳ ରାଜସ୍ୱ ଡିଭିଜନର ୭ ଗୋଟି ଜିଲ୍ଲା ର ତୀର୍ଥ ଯାତ୍ରୀ ସାମିଲ ହୋଇଛନ୍ତି। ଆସନ୍ତା କାଲି ଯାତ୍ରା ଆରମ୍ଭ କରି ଚଳିତ ନଭେମ୍ବର ୦୨ ତାରିଖ ତୀର୍ଥ ଯାତ୍ରୀ ମାନଙ୍କ ଫେରିବାର କାର୍ଯ୍ୟକ୍ରମ ରହିଛି।

ବି.ଏଡ୍.ରେ ଡିଷ୍ଟିଙ୍କସନ୍ ସହ ହାସଲ କଲେ 'ଶ୍ରୀମତୀ ଏମ୍. ଭେଙ୍କମ୍ମା ସ୍ୱର୍ଣ୍ଣ ପଦକ'

ନବରଙ୍ଗପୁରରେ ମଧ ରହିଛି ଶିକ୍ଷାଦାନ ଓ ଗବେଷଣାର ଅଭିଜ୍ଞତା



ନବରଙ୍ଗପୁର,୨୭/୧୧(ନି/ପ୍ର): ଶିକ୍ଷା କ୍ଷେତ୍ରରେ ଉତ୍କୃଷ୍ଟ ସଫଳତା ହାସଲ କରି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି ଶ୍ରୁତିକା ପଣ୍ଡା। ଶ୍ରୀ ସତ୍ୟସାଇ ଉଚ୍ଚତର ଶିକ୍ଷା ପ୍ରତିଷ୍ଠାନ (ଝଝଝଓଐଖ), ପୁଟ୍ଟପର୍ଥିର ୩୭ତମ ସମାବର୍ତ୍ତନ ଉତ୍ସବରେ ବି.ଏଡ୍. ଶିକ୍ଷାରେ ଡିଷ୍ଟିଙ୍କସନ୍ ହାସଲ କରିବା ସହିତ ସେ ସମ୍ମାନଜନକ 'ଶ୍ରୀମତୀ ଏମ୍. ଭେଙ୍କମ୍ମା ସ୍ୱର୍ଣ୍ଣ ପଦକ' ଲାଭ କରିଛନ୍ତି। ଆନ୍ଧ୍ରପ୍ରଦେଶର ମାନ୍ୟବର ରାଜ୍ୟପାଳ ତଥା ଭାରତର ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଶ୍ରୀ ଏସ୍. ଅବଦୁଲ ନଜିରଙ୍କ ହସ୍ତରୁ ଶ୍ରୁତିକା ଏହି ସ୍ୱର୍ଣ୍ଣ ପଦକ ଗ୍ରହଣ କରିଥିଲେ। ଜୀବନର ପ୍ରଥମ ସମାବର୍ତ୍ତନ ଉତ୍ସବରେ ଏଭଳି ସମ୍ମାନ ଲାଭ କରିବା ତାଙ୍କ ପାଇଁ ଅତ୍ୟନ୍ତ ସ୍ମରଣୀୟ ମୁହୂର୍ତ୍ତ ହୋଇଛି। ଶ୍ରୁତିକା ଉକ୍ତ ପ୍ରତିଷ୍ଠାନର ଅନନ୍ତପୁର କ୍ୟାମ୍ପସ୍‌ର ଶିକ୍ଷା ବିଭାଗରୁ ବି.ଏଡ୍. ଶିକ୍ଷା ସମାପ୍ତ କରିଛନ୍ତି। ଜୀବ ବିଜ୍ଞାନ ଓ ଭୌତିକ ବିଜ୍ଞାନ ଶିକ୍ଷାଦାନ ପଦ୍ଧତିରେ ତାଙ୍କର ବିଶେଷଜ୍ଞତା ରହିଛି। ପାଠପଢ଼ା ସମୟରେ ସେ ଶୈକ୍ଷିକ ଉତ୍କର୍ଷତା ସହିତ ବ୍ୟବହାରିକ, ଅନୁଭୂତିଭିତ୍ତିକ ଓ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ପ୍ରତି ବିଶେଷ ଆଗ୍ରହ ଦେଖାଇଥିଲେ। ଶିକ୍ଷକ ପ୍ରଶିକ୍ଷଣର ଅଂଶ ଭାବେ ସେ ନବରଙ୍ଗପୁର ଜିଲ୍ଲାର ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଡୁମରଡିହିଠାରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ପଢ଼ାଇଥିଲେ। ଏହାଛଡ଼ା ଶ୍ରୀ ସତ୍ୟସାଇ ପ୍ରାଥମିକ ବିଦ୍ୟାଳୟ, ଈଶ୍ୱରମ୍ମା ସ୍କୁଲ୍ ଏବଂ ଶ୍ରୀ ସତ୍ୟସାଇ ହାୟର ସେକେଣ୍ଡାରୀ ସ୍କୁଲ୍‌ରେ ମଧ ଶିକ୍ଷାଦାନର ଅଭିଜ୍ଞତା ହାସଲ କରିଛନ୍ତି। ?ତାଙ୍କର ଗବେଷଣାତ୍ମକ କାର୍ଯ୍ୟ ମଧ ବେଶ୍ ଉଲ୍ଲେଖନୀୟ। ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଡୁମରଡିହିଠାରେ ସପ୍ତମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ନେଇ ଓଡ଼ିଆ-ଇଂରାଜୀ ଦ୍ୱିଭାଷୀ ଶ୍ରେଣୀଗୃହ ଆଲୋଚନା ଓ ମୌଖିକ ଆଦାନପ୍ରଦାନ ମାଧ୍ୟମରେ ବିଜ୍ଞାନ ଶିକ୍ଷାର ଉନ୍ନତି ସମ୍ପର୍କରେ ସେ ଏକ କାର୍ଯ୍ୟମୂଳକ ଗବେଷଣା କରିଥିଲେ। ନିଜ ସଫଳତାର ଶ୍ରେୟ ସେ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଆଶୀର୍ବାଦ, ବାପା-ମାଆଙ୍କ ସ୍ନେହ, ତ୍ୟାଗ ଓ ପ୍ରାର୍ଥନା, ଗୁରୁଜନଙ୍କ ମାର୍ଗଦର୍ଶନ ଏବଂ ବନ୍ଧୁମାନଙ୍କ ସହଯୋଗକୁ ଦେଇଛନ୍ତି। ଆଗାମୀ ଦିନରେ ଗୁଣାତ୍ମକ ଓ ମୂଲ୍ୟବୋଧ ଆଧାରିତ ଶିକ୍ଷାଦାନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଜୀବନ ଗଠନରେ ଅବଦାନ ରଖିବାକୁ ସେ ଆଶା ରଖିଛନ୍ତି। ଶ୍ରୁତିକାଙ୍କ ଏହି କୃତିତ୍ୱ ତାଙ୍କ ପରିବାର ସହିତ ସମଗ୍ର ଓଡ଼ିଶା ପାଇଁ ଗର୍ବର ବିଷୟ ହୋଇଛି।

ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ଭାରସାମ୍ୟ ହରାଇ ପୋଲ ତଳକୁ ଖସିପଡ଼ିଥିବା ସନ୍ଦେହ



ରାଉରକେଲା,୨୭/୧୧(ନି/ପ୍ର): ସୁନ୍ଦରଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍ ଅନ୍ତର୍ଗତ କଦମଟୋଲି ନିକଟରେ ଝରିଆ ଉପରେ ଥିବା ପୋଲ ତଳୁ ମୃତ ଅବସ୍ଥାରେ ଉଦ୍ଧାର ହୋଇଥିବା ମୋଟରସାଇକେଲ ଆରୋହୀଙ୍କ ପରିଚୟ ମିଳିଛି। ମୃତକ ହେଉଛନ୍ତି ବାରିଲେପ୍ତା ପଚାଂୟତର ଗୁଡ଼ଗୁଡ଼ା ଗ୍ରାମର ଫେଲିସ୍ ତିର୍କୀ। ସୂଚନା ଅନୁଯାୟୀ, ଗତ ଗୁରୁବାର ସନ୍ଧ୍ୟାରେ ଫେଲିସ୍ ତିର୍କୀ ଚିତାପିଡ଼ି ଗ୍ରାମରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇଥିଲେ। ରାତିରେ ଘରକୁ ଫେରୁଥିବା ସମୟରେ କଦମଟୋଲି ନିକଟ ମୁଖ୍ୟ ରାସ୍ତାର ଏକ ମୋଡ଼ରେ ଝରିଆ ଉପରେ ଥିବା ପୋଲରୁ ତଳକୁ ଖସିପଡ଼ିଥିବା ସନ୍ଦେହ କରାଯାଉଛି। ଶୁକ୍ରବାର ସକାଳେ ସ୍ଥାନୀୟ ଲୋକଙ୍କ ମୃତଦେହ ଉପରେ ନଜର ପଡ଼ିବା ପରେ ଘଟଣାଟି ଅଚଂଳରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଏହି ସମୟରେ ଜଣେ ପରିଚିତ ବ୍ୟକ୍ତି ମୃତକଙ୍କୁ ଚିହ୍ନଟ କରିବା ପରେ ପରିବାରକୁ ଖବର ଦିଆଯାଇଥିଲା। ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଚିଂଥିବା ବେଳେ ବିଶ୍ରା ଥାନା ପୋଲିସ ମଧ ସେଠାରେ ପହଚିଂ ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଶବ ଜବତ କରିବା ସହ ପଚଂନାମା କାର୍ଯ୍ୟ ସମ୍ପନ୍ନ କରିଛି। ପୋଷ୍ଟମର୍ଟମ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରଯାଇଛି। ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ବିଶ୍ରା ଥାନା ପୋଲିସ ତଦନ୍ତ ଜାରି ରଖିଛି।

କଳସୀ ଯାତ୍ରା ଉତ୍ସବ

ବଲାଙ୍ଗିର,୨୭।୧୧ : କଳାସୀ ଯାତ୍ରା ଉତ୍ସବ, ତେଣ୍ଡିପାଲି ଉଦ୍‌ଯାପିତ ହୋଇଯାଇଛି। ଦିର୍ଘ ଦୁଇ ଶହ ବର୍ଷର ଏହି ପାରଂପାରିକ କଳାସୀ ଯାତ୍ରା ଏ ଅଂଚଳର ଐତିହ୍ୟ, ପରଂପରା, ଲୋକ ସଂସ୍କୃତିର ବାହକ। ଉଦ୍‌ଯାପନି ଦିବସର ସାଂସ୍କୃତିକ ସଭାରେ ବଲାଙ୍ଗିର ସାଂସଦ ପ୍ରତିନିଧି, ପୁଇଁନ୍ତଳା ବ୍ଲକ ରାଜ କିଶୋର ନାଏକ ମୁଖ୍ୟ ଅତିଥି, ଲୋଇସିଂହା ବିଧାୟକ ପ୍ରତିନିଧି, ପୁଇଁନ୍ତଳା ବ୍ଲକ ଅଜିତ ପଣ୍ଡା, ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ।

ବ୍ଲକସ୍ତରୀୟ ମତ୍ସ୍ୟ ଓ ପଶୁ ସମ୍ପଦ ମେଳା-୨୦୨୬ ଅନୁଷ୍ଠିତ

ମାଲକାନଗିରି,୨୭/୧୧(ନି/ପ୍ର): ବିବିଧ ଜୀବିକା ସୁଯୋଗ ମାଧ୍ୟମରେ କୃଷକଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ଉପରେ ଧ୍ୟାନ ଦେଇ, ମାଲକାନଗିରିର ସ୍ଥାନୀୟ ମଲ୍ଲିକେଶ୍ୱର ମନ୍ଦିର ପରିସରରେ ଉତ୍ସାହର ସହିତ ଏକ ବ୍ଲକସ୍ତରୀୟ ମତ୍ସ୍ୟ ଓ ପଶୁ ସମ୍ପଦ ମେଳା-୨୦୨୬ ଆଜି ଆୟୋଜନ କରାଯାଇଥିଲା। ଏହି ମେଳାରେ ମାଛଚାଷ, କୁକୁଡ଼ା ପାଳନ, ବତକ ପାଳନ ଏବଂ ପଶୁପାଳନର ସମ୍ଭାବନା ଉପରେ ଆଲୋକପାତ କରାଯାଇଥିଲା, ଏବଂ ଚାଷୀମାନଙ୍କୁ ବିଭିନ୍ନ ସରକାରୀ ଯୋଜନା, ସବସିଡି ଏବଂ ଆଧୁନିକ କୃଷି କୌଶଳ ସହିତ ପରିଚିତ କରାଯାଇଥିଲା। ମାଲକାନଗିରି ବ୍ଲକ ଅନ୍ତର୍ଗତ ୧୯ଟି ପଂଚାୟତର ପ୍ରତିନିଧିତ୍ୱ କରୁଥିବା ୧୦୦ ରୁ ଅଧିକ ଚାଷୀ ଏବଂ ହିତାଧିକାରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ମେଳାକୁ ଉଦଘାଟନ କରିଥିଲେ। ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡକ୍ଟର ତରୁଣ କୁମାର ମଲ୍ଲିକ ମୁଖ୍ୟ ଭାଷଣ ଦେଇଥିଲେ, ମାଲକାନଗିରି ବ୍ଲକ ଉପାଧ୍ୟକ୍ଷ ନିରଞ୍ଜନ ହାଲଦାର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ମାନିତ ବ୍ୟକ୍ତିମାନେ ଗୁରୁତ୍ୱାରୋପ କରିଥିଲେ ଯେ କେବଳ ଧାନ ଚାଷ ଉପରେ ନିର୍ଭରଶୀଳତା ଚାଷୀ ପରିବାର ପାଇଁ ସ୍ଥାୟୀ ଆର୍ଥିକ ସମୃଦ୍ଧି ସୁନିଶ୍ଚିତ କରିବ ନାହିଁ। ସେମାନେ ଚାଷୀମାନଙ୍କୁ ସରକାରୀ ସହାୟତାର ସୁଯୋଗ ନେଇ ବର୍ଷସାରା ଅତିରିକ୍ତ ଏବଂ ନିୟମିତ ଆୟ ସୃଷ୍ଟି କରିବା ପାଇଁ ମାଛ ଚାଷ, କୁକୁଡ଼ା ଏବଂ ବତକ ପାଳନ, ଏବଂ ଗୋରୁ ଏବଂ ଛେଳି ପାଳନ ସମେତ ଆନୁଷଙ୍ଗିକ କୃଷି କାର୍ଯ୍ୟକଳାପ ଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ।

ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ଜାତୀୟ ସମ୍ବିଧାନ ଦିବସ ପାଳିତ

ଜୟପୁର,୨୭/୧୧(ନି/ପ୍ର): ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁରରେ ଆଜି ଜାତୀୟ ସମ୍ବିଧାନ ଦିବସ ଉତ୍ସାହ ଓ ଗାମ୍ଭୀର୍ଯ୍ୟର ସହ ପାଳିତ ହୋଇଯାଇଛି। ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଆୟୋଜିତ ଏହି ସମାରୋହରେ ନବରଙ୍ଗପୁରର ଲୋକସଭା ସାଂସଦ ବଳଭଦ୍ର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହୃଷୀକେଶ ସେନାପତି ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ମହେଶ୍ୱର ଦୁରିଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ବିଧାନର ପ୍ରସ୍ତାବନା ପାଠ, ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ଓ ଛାତ୍ରଛାତ୍ରୀଙ୍କ ଅଭିଭାଷଣ ସହ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନିଜ ଅଭିଭାଷଣରେ କୁଳସଚିବ ମହେଶ୍ୱର ଚନ୍ଦ୍ର ନାୟକ ନାଗରିକଙ୍କ ମୌଳିକ କର୍ତ୍ତବ୍ୟର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସ୍ନାତକୋତର ପରିଷଦର ଅଧ୍ୟକ୍ଷ ଡଃ. ପ୍ରଶାନ୍ତ କୁମାର ପାତ୍ର ନାଗରିକଙ୍କ ମୌଳିକ ଅଧିକାର ଓ ତାହାର ସାମ୍ବିଧାନିକ ଗୁରୁତ୍ୱ ସମ୍ପର୍କରେ ମତ ରଖିଥିଲେ। କୁଳପତି ପ୍ରଫେସର ସେନାପତି ରାଜନୈତିକ ଗଣତନ୍ତ୍ର ଓ ସାମାଜିକ-ଆର୍ଥିକ ଗଣତନ୍ତ୍ର ମଧ୍ୟରେ ରହିଥିବା ବ୍ୟବଧାନ ହ୍ରାସ କରିବାରେ ଶିକ୍ଷାର ଭୂମିକାକୁ ଗୁରୁତ୍ୱ ଦେଇଥିଲେ। ମୁଖ୍ୟ ଅତିଥି ବଳଭଦ୍ର ମାଝୀ ସମ୍ବିଧାନର ମହତ୍ୱକୁ ନାଗରିକଙ୍କ ଦୈନନ୍ଦିନ ଜୀବନ, ଅଧିକାର ଓ ଭବିଷ୍ୟତ ସହ ଯୋଡ଼ି ବ୍ୟାଖ୍ୟା କରିଥିଲେ। ଛାତ୍ର ସଂସଦର ସଭାପତି ଜ୍ୟୋତି ରଞ୍ଜନ ପାଣିଗ୍ରାହୀ ଛାତ୍ର ନେତୃତ୍ୱର ପ୍ରାସଙ୍ଗିକତା ଓ ଗଣତାନ୍ତ୍ରିକ ଚେତନା ବିକାଶରେ ଏହାର ଭୂମିକା ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଆୟୋଜିତ କୁଇଜ୍ ପ୍ରତିଯୋଗିତାରେ ଅରୁଣ ମିଶ୍ର ଓ କୃଷ୍ଣ କୁମାର ସାବର ଯୁଗ୍ମ ଭାବେ ପ୍ରଥମ, ଦାମୁ ଗୌଡ଼ ଦ୍ୱିତୀୟ ଏବଂ ସନ୍ତୋଷ ମାଝୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ରାଜନୀତି ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡଃ. ଶୁଭମ୍ ତ୍ରିପାଠୀ ସମଗ୍ର କାର୍ଯ୍ୟକ୍ରମର ସଂଚାଳନା କରିଥିଲେ। ଦୀପକ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ସୁଚାରୁରୂପେ ସମ୍ପନ୍ନ ହୋଇଥିଲା।

ସରକାରୀ ମହାବିଦ୍ୟାଳୟ ବଲାଙ୍ଗିରଠାରେ ବିର୍ସା ମୁଣ୍ଡାଙ୍କ ଉପରେ ଆଲୋଚନାଚକ୍ର ଆୟୋଜିତ

ବଲାଙ୍ଗିର, ୨୭/୧୧(ନି.ପ୍ର): ବିର୍ସା ମୁଣ୍ଡା କେବଳ ଜନଜାତିଙ୍କ ସାହସ, ବୀରତ୍ୱ ଓ ଆସ୍ଥାର ପ୍ରତୀକ ନଥିଲେ ବରଂ ସମଗ୍ର ଭାରତର ଜଣେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ଥିଲେ । ମାତ୍ର ୨୫ ବର୍ଷର ଜୀବନ କାଳରେ ନିଜ ଜମି, ଜଳ ଓ ଜଙ୍ଗଲ ତଥା ଲୋକଙ୍କ ସ୍ୱାର୍ଥ ପାଇଁ ଜୀବନ ଦେଇଥିଲେ । ଇଂରେଜ୍ ଉପନିବେଶର ପ୍ରତିରୋଧ, ସାହୁକାରମାନଙ୍କ ଶୋଷଣକୁ ବିରୋଧ ଥିଲା ତାଙ୍କ ସଂଗ୍ରାମର ଫଳ । ଆବୁଆ ଡିଶୁମ୍ ଆବୁଆ ରାଜ୍ ର (ଆମରି ଦେଶ ଆମରି ଶାସନ) ନାରାଦେଇ ଗରିଲା ଯୁଦ୍ଧର ଉଲଗୁଲାନ ଦେଇଥିଲେ । ସ୍ଥାନୀୟ ସରକାରୀ ମହାବିଦ୍ୟାଳୟ ବଲାଙ୍ଗିର ଠାରେ ଆଜି ଇତିହାସ ବିଭାଗ ଦ୍ୱାରା ଆୟୋଜିତ ବିର୍ସା ମୁଣ୍ଡାଙ୍କ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା, ଯାହାର ଶୀର୍ଷକ ଥିଲା 'ବିର୍ସା ମୁଣ୍ଡା: ଜନଜାତିଙ୍କ ଗର୍ବର ପ୍ରତୀକ ଓ ଜାତିୟ ଚେତନା'।

ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଜବା ପାନପୋଷଠାରେ ସମ୍ବର୍ଦ୍ଧନ ଗ୍ରାମୀଣ ଫୁଟବଲ ଟୁର୍ଣ୍ଣାମେଂଟ ଆୟୋଜିତ

ବି.ୱାଇ.ଏସ୍ ସରୂବାହାଲ ଦଳ ବିଜେତା



ରାଉରକେଲା,୨୭/୧୧(ନି/ପ୍ର): ଚଳିତ ବର୍ଷ ପାଇଁ ସମ୍ବର୍ଦ୍ଧନ ଗ୍ରାମୀଣ ଫୁଟବଲ ଟୁର୍ଣ୍ଣାମେଟଂର ଚତୁର୍ଥ ଜୋନାଲ ରାଉଣ୍ଡ, ନଭେମ୍ବର ୧୯ ରୁ ୨୩ ତାରିଖ ପର୍ଯ୍ୟନ୍ତ ବିଶ୍ରା ବ୍ଲକର ଜମସେରା ଗ୍ରାମ ପଚାଂୟତ ଅନ୍ତର୍ଗତ ଜବା ପାନପୋଷଠାରେ ସେଲ୍, ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଆୟୋଜିତ ହୋଇଥିଲା। ଆର.ଏସ.ପି ର ଅନ୍ୟତମ ସି.ଏସ.ଆର ପଦକ୍ଷେପ ସ୍ୱରୂପ ଏହି ଟୁର୍ଣ୍ଣାମେଟଂରେ ୩୨ଟି ଦଳ ମଧ୍ୟରେ ପ୍ରତିଯୋଗିତା ଦେଖିବାକୁ ମିଳିଥିଲା ଏବଂ ଏହା ଜବା ପାନପୋଷର ଜୟଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ ସହଭାଗୀତା ରେ ଆୟୋଜିତ ହୋଇଥିଲା। ଫାଇନାଲରେ, ବିୱାଇଏସ ସରୂବାହାଲ ଦଳ ବିଜେତା ଭାବେ ଉଭା ହୋଇଥିବା ବେଳେ ଜେ.ଜେ. କ୍ଲବ, ଟେଙ୍ଗ ଝରଣ ରନର୍ସ-ଅପ୍ ହୋଇଥିଲା। ବିଜେତା ଦଳ ଏକ ଟ୍ରଫି ଏବଂ ୧୦,୦୦୦/- ଟଙ୍କାର ନଗଦ ପୁରସ୍କାର ପାଇଥିବା ବେଳେ ଦ୍ୱିତୀୟ, ତୃତୀୟ ଏବଂ ଚତୁର୍ଥ ଦଳ ଯଥାକ୍ରମେ ଟ୍ରଫି ସହିତ ୮,୦୦୦/- ଟଙ୍କା, ୬,୦୦୦/- ଟଙ୍କା ଏବଂ ୪,୦୦୦/- ଟଙ୍କାର ନଗଦ ପୁରସ୍କାର ପାଇଥିଲେ। ବ୍ୟକ୍ତିଗତ ପୁରସ୍କାରଗୁଡ଼ିକ ମଧ୍ୟରେ, ବି.ୱାଇ.ଏସ୍ ସରୂବାହାଲର ମନୋଜ ଓରାମ ଶ୍ରେଷ୍ଠ ସ୍କୋରର ଭାବେ ବିବେଚିତ ହୋଇଥିବା ବେଳେ ତାଙ୍କ ସାଥୀ ଖେଳାଳି ସୁମିତ ଓରାମ ଶ୍ରେଷ୍ଠ ଡିଫେଣ୍ଡର ପୁରସ୍କାର ପାଇଥିଲେ। ଜେ.ଜେ. କ୍ଲବ, ଟେଙ୍ଗ ଝରଣ ର ବିଜୟ ଓରାମ ଶ୍ରେଷ୍ଠ ଗୋଲକିପର ଭାବେ ମନୋନୀତ ହୋଇଥିଲେ ଏବଂ ବିୱାଇଏସ୍ ସରୂବାହାଲର ବିପିନ ଓରାମ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପାଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରତ୍ୟେକେ ୧୦୦୦/- ଟଙ୍କାର ନଗଦ ପୁରସ୍କାର ଏବଂ ଏକ ଟ୍ରଫି ହାସଲ କରିଥିଲେ । ମୁଖ୍ୟ ମହାପ୍ରବନ୍ଧକ (ସୁରକ୍ଷା ଓ ଅଗ୍ନିଶମ ସେବା), ଶ୍ରୀ ହୀରାଲାଲ ମହାପାତ୍ର, ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ଅଭିଭାଷଣରେ ଗ୍ରାମୀଣ ଯୁବକମାନଙ୍କ ମଧ୍ୟରେ ଏକତା, ଶୃଙ୍ଖଳା, ପ୍ରତିଭା ଏବଂ ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବାରେ କ୍ରୀଡ଼ାର ଗୁରୁତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ମହାପ୍ରବନ୍ଧକ(ସି.ଏସ.ଆର), ଶ୍ରୀ ବିଭାବସୁ ମଲ୍ଲିକ, ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବ ପରେ ଉପମହାପ୍ରବନ୍ଧକ (ସି.ଏସ.ଆର) ଶ୍ରୀ ପି. ସାହୁଙ୍କ ଧନ୍ୟବାଦ ଅର୍ପଣ ସହିତ ଉତ୍ସବ ସମାପ୍ତ ହୋଇଥିଲା। ସି.ଏସ.ଆର ବିଭାଗର ସେକ୍ସନ ଅଫିସର ଶ୍ରୀ ବି. ଏକ୍କା ଏବଂ ଶ୍ରୀ ଜି. ଆର. ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହା ଉଲ୍ଲେଖନୀୟ ଯେ ସମ୍ବର୍ଦ୍ଧନ ପଦକ୍ଷେପ ଅଧୀନରେ, ଆରଏସପି ୨୦୧୨-୧୩ ମସିହାରୁ ଚାରୋଟି ପାରିପାର୍ଶ୍ୱିକ ବ୍ଲକରେ ଗ୍ରାମୀଣ କ୍ରୀଡ଼ାକୁ ପ୍ରୋତ୍ସାହିତ କରିଆସୁଛି। ସ୍ଥାନୀୟ ଏସ.ଏଚ.ଜି ମାନଙ୍କ ସହାୟତାରେ ଗ୍ରାମାଚଂଳ ଗୁଡ଼ିକରେ ଏହି ଟୁର୍ଣ୍ଣାମେଟଂ ଆୟୋଜିତ ହେଉଛି, ଯାହା ଗୋଷ୍ଠୀଗତ ଅଂଶଗ୍ରହଣକୁ ଉତ୍ସାହିତ କରୁଛି ଏବଂ ପାରିପାର୍ଶ୍ୱିକ ସମ୍ପ୍ରଦାୟ ସହିତ ଆର.ଏସ.ପି ର ସମ୍ପର୍କକୁ ସୁଦୃଢ଼ କରୁଛି। ସମସ୍ତ ଚାରୋଟି ବ୍ଲକର ବିଜେତା ଏବଂ ରନର୍ସ-ଅପ୍ ବର୍ତ୍ତମାନ ରାଉରକେଲାର ଇସ୍ପାତ ଷ୍ଟାଡିୟମଠାରେ ଅନୁଷ୍ଠିତ ଚୂଡ଼ାନ୍ତ ଗ୍ରାମୀଣ ଫୁଟବଲ ଟୁର୍ଣ୍ଣାମେଟଂରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଫାଇନାଲରେ ବିଜେତା ପୁରସ୍କାର ସ୍ୱରୂପ ୨୦,୦୦୦ ଟଙ୍କା, ରନର୍ସ-ଅପ୍ ୧୫,୦୦୦ ଟଙ୍କା ଏବଂ ବାକି ଛଅଟି ଦଳ ପାଇଁ ପ୍ରତ୍ୟେକଙ୍କୁ ୫,୦୦୦ ଟଙ୍କା ଲେଖାଏଁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯିବ । ଶ୍ରେଷ୍ଠ ଗୋଲକିପର, ଶ୍ରେଷ୍ଠ ଡିଫେଣ୍ଡର, ଶ୍ରେଷ୍ଠ ସ୍କୋରର ଏବଂ ମ୍ୟାନ ଅଫ ଦ ମ୍ୟାଚ ପାଇଁ ବ୍ୟକ୍ତିଗତ ପୁରସ୍କାର ମଧ ପ୍ରଦାନ କରାଯିବ।